ବାଲିଗୁଡା, ୨୮/୦୪(ଆ.ପ୍ର) : ଓଡିଶାର ବୃହତ୍ତମ ଉପଖଣ୍ଡ ଭାବେ ଦେଶ ପରିଚିତ ଥିବା ଲକ୍ଷମାନ ଜିଲ୍ଲା ବାଲିଗୁଡା ଟାଉନରେ ଆଜକୁ ତିନିଦିନ ହେଲା ମୋବାଇଲ ନେଟୱର୍କ ସେବା ବିପର୍ଯ୍ୟସ୍ତ ରହୁଥିବା ଯୋଗୁଁ ଉପଭୋକ୍ତା ତଥା ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି । ସହର ବାସୀଙ୍କୁ ପ୍ରଗତେ ମୋବାଇଲ ସେବା ପ୍ରଦାନ କରି ଆସୁଥିବା ବିଏସଏନଏଲ ସଂସ୍ଥା ଗୁରୁତର ଅବସ୍ଥାକୁ ଚାଲି ଆସିବା ପରେ ଉପଭୋକ୍ତା ମାନେ ବାଧ୍ୟ ହୋଇ ଜିଓ ଘରୋଇ କମ୍ପାନୀର ମୋବାଇଲ ନେଟୱାର୍କ ଉପରେ ଅଂଚଳବାସୀ ପୂରା ନିର୍ଭର କରି ଚଳି ଆସୁଛନ୍ତି । ହେଲେ ଏହି ଜିଓ କମ୍ପାନୀ ସ୍ୱଳ୍ପ ଶକ୍ତି ସମ୍ପନ୍ନ ଟାୱାର କାର୍ଯ୍ୟକ୍ଷମ କରିଥିଲା, ବର୍ତ୍ତମାନ ଏହାର ଗ୍ରାହକ ସଂଖ୍ୟା ଅଧିକା ଥିବା ଯୋଗୁଁ ଆଉ ସ୍ୱଳ୍ପ ଶକ୍ତି ସମ୍ପନ୍ନ ଟାୱାର ପୂର୍ତ୍ତ ପରି ଆଉ ଉଚିତ ସେବା ପ୍ରଦାନ କରିବା ଅଂଚଳବାସୀଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି । ଗ୍ରାହକ ସଂଖ୍ୟା ଅଧିକା ଥିବା ଯୋଗୁଁ ଜିଓ କମ୍ପାନୀ ଉଚ୍ଚ ଶକ୍ତି ସମ୍ପନ୍ନ ଟାୱାର ବସାଇବା ପାଇଁ ଅଂଚଳ ବାସୀ ଦାବୀ କରିଛନ୍ତି । ଆଜିର ଡିଜିଟାଲ ଯୁଗରେ ସମସ୍ତଙ୍କ ପାଇଁ ମୋବାଇଲ ଓ ଇଂଟରନେଟ ସେବା ଅପରିହାର୍ଯ୍ୟ ହୋଇଥିବା ବେଳେ ସମସ୍ତ ସରକାରୀ , ବେସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ ଗୁଡିକ ଇଂଟରନେଟ ସେବା ଉପରେ ନିର୍ଭର କରୁଛନ୍ତି । ବାଲିଗୁଡା ଟାଉନରେ ଉପଖଣ୍ଡ ସ୍ତରୀୟ ସମସ୍ତ କାର୍ଯ୍ୟାଳୟ ରହିଛି, ଯାହାକି , ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ , ବ୍ଲକ କାର୍ଯ୍ୟାଳୟ, ଅତିରିକ୍ତ ଦୌଗାଳର, ଉପଖଣ୍ଡ ତାଲୁକ ଖାନା, ବିଜ୍ଞାପିତ ଅଂଚଳ ପରିଷଦ, ବିଜିନ୍ସ ବ୍ୟାଙ୍କ ସଂସ୍ଥା ଓ ସରକାରୀ ଦିଭାଗରେ କାର୍ଯ୍ୟରତ କର୍ମଚାରୀମାନେ ଦୁର୍ବଳ ମୋବାଇଲ ନେଟୱର୍କ ଯୋଗୁଁ ସଦାସର୍ବଦା ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାଯାଇଛି । ସେହପରି ପାଠ ପଢ଼ିବା ନିମନ୍ତେ ଛାତ୍ରଛାତ୍ରୀ ମାନେ ମଧ୍ୟ ମୋବାଇଲ ନେଟୱର୍କ ଉପରେ ସମ୍ପୂର୍ଣ୍ଣ ରୂପେ ନିର୍ଭର କରିଅଛନ୍ତି । ବର୍ତ୍ତମାନ ପ୍ରବଳ ଖରା ଓ ଗରମ ଯୋଗୁଁ ସରକାର ସ୍କୁଲ ଗୁଡିକୁ ଛୁଟି ଘୋଷଣା କରି ଅନଲାଇନ ରେ ଶିକ୍ଷା ଦାନ ପାଇଁ ଘୋଷଣା କରିଛନ୍ତି । ଏଭଳି ସ୍ଥିତିରେ ମୋବାଇଲ ନେଟୱାର୍କରୁ ଅଂଚଳବାସୀ ବଂଚିତ ହେବା ଅତି ନିନ୍ଦନୀୟ ଘଟଣା ବୋଲି ଦର୍ଶା ହେଉଛି । ତେଣୁ ବାଲିଗୁଡା ସହର ବାସୀଙ୍କ ସ୍ୱାର୍ଥ ଓ ସୁବିଧାକୁ ଦୃଷ୍ଟିରେ ରଖି ବିଏସଏନଏଲ ଏବଂ ଜିଓ ଘରୋଇ ମୋବାଇଲ ଓ ଇଂଟରନେଟ ସେବା ପ୍ରଦାନକାରୀ ସଂସ୍ଥା ବାଲିଗୁଡା ସହରର ବିଭିନ୍ନ ସ୍ଥାନରେ ଉଚ୍ଚ ଶକ୍ତି ସମ୍ପନ୍ନ ଏକାଧିକ ମୋବାଇଲ ଟାୱାର ସ୍ଥାପନ କରି ଅଂଚଳ ବାସୀଙ୍କୁ ନିର୍ଭୁଲ ସେବା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି । ସେହିପରି ନୂଆସାହି ସରସଙ୍ଗ କେନ୍ଦ୍ର ନିକଟରେ ଥିବା ଜିଓ ଘରୋଇ ମୋବାଇଲ ସେବା ପ୍ରଦାନ କାରି ଟାୱାରଟି ବିଦ୍ୟୁତ ବିଚ୍ଛିନ୍ନ ହୋଇଗଲେ ଉପଭୋକ୍ତା ମାନେ ମୋବାଇଲ ସେବା ପାଇବାରୁ ବଂଚିତ ହେଉଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି । ଉପଖଣ୍ଡ ପ୍ରଶାସନ ଓ ଲୋକ ପ୍ରତିନିଧି ମାନେ ଏଥିପ୍ରତି ଦୃଷ୍ଟି ଦେଇ ଦେଶର ଅଗ୍ରଣୀ ଏୟାରଟେଲ ଭଳି ବିଭିନ୍ନ ନେଟୱର୍କର ଉଚ୍ଚ ଶକ୍ତି ସମ୍ପନ୍ନ ଟାୱାର ସ୍ଥାପନ କରାଗଲେ ଅଂଚଳବାସୀ ଉଚିତ ନେଟୱାର୍କ ସେବା ପାଇପାରିବେ ବୋଲି ବୁଦ୍ଧିଜୀବୀ ମାନଙ୍କରେ ଚର୍ଚ୍ଚା ହେଉଛି ।

ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷଣ

ଉତ୍କଳ, ୨୮/୦୪(ଆ.ପ୍ର) : ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଉତ୍କଳ ପକ୍ଷରୁ ଉତ୍କଳ ଜିଲ୍ଲା ସହିତ ଦାସୁଦେବପୁର, ଚାନ୍ଦବାଲି ଓ ଧାମନଗର ତାଲୁକ ଅଂଚଳର ସ୍ୱେଚ୍ଛାସେବୀମାନଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ଆୟୋଜିତ ହୋଇଯାଇଛି । ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଲଲାଟେନ୍ଦୁ ଜେନା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲ୍ଲା ନ୍ୟାୟାଳୟର ବିଚାରପତିବୃନ୍ଦ ଉପସ୍ଥିତ ରହି ସ୍ୱେଚ୍ଛାସେବୀମାନଙ୍କୁ ଆଇନ ସଚେତନତା, ସାମାଜିକ ଦାୟିତ୍ୱ ଓ ଲୋକହିତକାରୀ ସେବା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ପ୍ରଶିକ୍ଷଣରେ ସ୍ୱେଚ୍ଛାସେବୀମାନଙ୍କର ସମାଜରେ ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଉଚିତ, ଅନୁଚିତ ଓ ବିଭାଜିତ ଲୋକଙ୍କ ନିକଟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ନାଲସାର ବିଭିନ୍ନ ଲୋକହିତକାରୀ ଯୋଜନା ପଙ୍ଗଂଚାଇବା, ସମାଜରେ ଛୋଟ ଛୋଟ ବିବାଦର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ କରିବା, ହିଂସା, ଅପରାଧ ହିଂସା ଉତ୍ପାଦନର ଶିକାର ମହିଳାମାନଙ୍କୁ ପ୍ରାରମ୍ଭିକ ସହାୟତା ଯୋଗାଇବା ସହ ପୋଲିସ ଷ୍ଟେସନ ଓ ଅଦାଲତକୁ ଯିବାରେ ସହଯୋଗ କରିବା ସ୍ୱେଚ୍ଛାସେବୀମାନଙ୍କର ମୁଖ୍ୟ କର୍ତ୍ତବ୍ୟ ବୋଲି ଅବଗତ କରାଯାଇ ଥିଲା । ସ୍ୱେଚ୍ଛାସେବୀ ମାନେ ଆଇନ ବ୍ୟବସ୍ଥା ଓ ସାଧାରଣ ଜନସାଧାରଣଙ୍କ ମଧ୍ୟରେ ଏକ ସେତୁ ଭାବେ କାର୍ଯ୍ୟ କରୁଥିବାରୁ ସେମାନଙ୍କର ଭୂମିକା ସମାଜ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ ।

ମା' ରାଜେଶ୍ୱରୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ

ତାଙ୍ଗୀ ଚୌଦ୍ୱାର, ୨୮/୦୪(ଆ.ପ୍ର) : କଟକ ଜିଲ୍ଲା ତାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଚିତ୍ତାମଣି ପୁର ଗ୍ରାମର ଆଳାଏ ଠାକୁରାଣୀ ଗ୍ରାମ ଦେବତା ମା ରାଜ ରାଜେଶ୍ୱରୀ ମାଆଙ୍କର ନୂତନ ଚିତ୍ତାର ଓ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ସହିତ ତ୍ରୟଦିବସ ମହାଯଜ୍ଞ ମହାଧୂମ୍ରର ସହକାରେ ଅନୁଷ୍ଠିତ ହୋଇଯାଇଛି । ତ୍ରୟ ଦିନାତ୍ମକ ଉକ୍ତ ମହାଯଜ୍ଞ ମହୋତ୍ସବରେ ବୈଦିକ ରୀତି ନୀତି ଅନୁଯାୟୀ ଆଙ୍କୁରାରୋପଣ, ମଣ୍ଡପାଧିବାସ , କଳସ ଶୋଭାଯାତ୍ରା, ସୂର୍ଯ୍ୟ ପୂଜା, ଗୋମାତା ପୂଜା, ଯଜ୍ଞ ଶାଳା ପୂଜା, ଅଗ୍ନି ସ୍ଥାପନ, ଯଜ୍ଞ ଆହୁତି ପ୍ରଦାନ, ମାଆ ଠାକୁରାଣୀଙ୍କ ଶୋଡଶ ଉପଚାର ପୂଜା, ନାମ ସଂକୀର୍ତ୍ତନ, ପ୍ରବେଚ୍ଚ ସଂଖ୍ୟା ରେ ନାମ ସଂକୀର୍ତ୍ତନ ସହ ବିଦ୍ୟା ଅଧ୍ୟାତ୍ମିକ ପ୍ରବଚନ ଏବଂ ଭଜନ ସଂଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଗ୍ରାମର ଆବାଳ ବୃଦ୍ଧ ବନିତା ଠାରୁ ଆରମ୍ଭ କରି ଆମନ୍ତ୍ରିତ ଓ ନିମନ୍ତ୍ରିତ ଅତିଥି ଶହ ଶହ ନରନାରୀ ଶ୍ରଦ୍ଧାଳୁ ଭକ୍ତମାନେ ଉପସ୍ଥିତ ରହି ମାତୃଶକ୍ତି କୃପା ଲାଭ କରିଥିଲେ । ପ୍ରଶାନ୍ତ କୁମାର ମହାରଣାଙ୍କ ଆନ୍ତରିକ ଉଦ୍ୟମ ଆର୍ଥିକ ସହଯୋଗ ଏବଂ ଗ୍ରାମବାସୀ ମାନଙ୍କର ସାହାଯ୍ୟ ସହଯୋଗରେ ମାଆଙ୍କ ପ୍ରତିଷ୍ଠା ମହୋତ୍ସବ ଏବଂ ମହାଯଜ୍ଞର କର୍ତ୍ତା, କର୍ତ୍ତୀ ଭାବେ ସୁଶାନ୍ତ ସାହୁ ଓ ସୁର୍ଯ୍ୟପ୍ରଭା ସାହୁ ଶ୍ରଦ୍ଧା ଓ ନିଷ୍ଠାର ସହିତ ଯଜ୍ଞ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ । ଉକ୍ତ ଉତ୍ସବରେ ଗ୍ରାମର ଆବାଳ ବୃଦ୍ଧ ବନିତା ଠାରୁ ଆରମ୍ଭ କରି ଯୁବଶକ୍ତି କୁଦ୍ରର ଯୁବକ ଓ ଗୋପାଳାଳ ଜାୟୁ ନାଟ୍ୟ କଳା ପରିଷଦର ସଦସ୍ୟ, କଳାକାରଙ୍କ ସମେତ ସ୍ୱେଚ୍ଛାସେବୀ ବନ୍ଧୁ ମାନେ ସକ୍ରିୟ ସହଯୋଗ ଓ ସହଭାଗିତା ପ୍ରଦାନ କରି ଉକ୍ତ ମହାଯଜ୍ଞ ମହୋତ୍ସବକୁ ଭକ୍ତ, ରାଉତ, ବିଶ୍ୱାସ, ଶ୍ରଦ୍ଧା ଓ ନିଷ୍ଠା, ଭାଉତାଲୀ ଏବଂ ଶାନ୍ତି ଶୃଙ୍ଖଳାର ସହିତ ସହିତ ସାର୍ଥକ୍ୟମଣ୍ଡିତ କରିଥିଲେ । ପ୍ରତ୍ୟେକ ଦିନ ଅନେକ ବଜାରରେ ମହାଯଜ୍ଞର ମହାପ୍ରସାଦ ସେବନ କରି ଶ୍ରଦ୍ଧାଳୁ ମାନେ ମହା ଆନନ୍ଦରେ ଆତ୍ମ ତୃପ୍ତି ଲାଭ କରିଥିଲେ ।

ପୁରୁଷୋତମ ପୂଜାରୀ ମେମୋରିଆଲ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟନ

ଚାନ୍ଦାହାଣ୍ଡି, ୨୮/୦୪(ଆ.ପ୍ର) :ନବରଙ୍ଗପୁର ଜିଲ୍ଲା ଚାନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ପାଟଖଲିଆ ଠାରେ ସ୍ୱର୍ଗତ ପୁରୁଷୋତମ ପୂଜାରି ମେମୋରିଆଲ କ୍ରିକେଟ ପ୍ରତିଯୋଗିତା ବୃତୀୟ ଦର୍ଶର ଆଜି ଶୁଭ ଉଦଘାଟନ ହୋଇଯାଇଛି । ଏଥିରେ ପାଟଖଲିଆ ଗ୍ରାମ ପଂଚାୟତର ସରପଂଚ ଶ୍ରୀମତୀ ଶୁଶୀଳା ପୂଜାରୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ତା ସହିତ ପୂର୍ବତନ ସରପଂଚ ହର ପୂଜାରୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ଭୋଇ, ପୂର୍ବତନ ସମିତି ସଭ୍ୟ ତ୍ରିନାଥ ଦାଶ ଦଳବେଡା ଗ୍ରାମ ପଂଚାୟତର ସମିତି ସଭ୍ୟ ଚେତ୍ରାମ ମାଝୀ, ଉତ୍ତେସନ ପୂଜାରୀ, ଶ୍ୟାମସୁନ୍ଦର ନେଗମ, କାର୍ତ୍ତିକ କୁଣ୍ଡି, ସନ୍ତୋଷ କୁମାର ଦାଶ, ଅରିଗାମ ବରାଟି ପ୍ରମୁଖ ଯୋଗଦେଇ ଏହି କ୍ରିକେଟ ପ୍ରତିଯୋଗିତାକୁ ଶୁଭ ଉଦଘାଟନ କରିଥିଲେ । ଆଜିର ଏହି ଖେଳରେ ଧୁଳୁଆପଡା ସହିତ ଦଳବେଡା ମଧ୍ୟରେ ଖେଳ ହୋଇଥିଲା ଧୁଳୁଆପଡା ଦଳର ଥିବେ ମାଝିଙ୍କ ବିଷ୍ଣୋଇ ଶତକ ବଳରେ ନିର୍ଦ୍ଧାରିତ ୧୦ ଓଭର ରେ ୨୦୫ ରନ ସଂଗ୍ରହ କରିଥିଲେ ଏହାର ଯବାବରେ ଦଳବେଡା ୨୦୫ ରନକୁ ପିଛାଛାଡି ଦଶ ଓଭରରେ ମାତ୍ର ୧୨୮ ରନ କରିବାରେ ସକ୍ଷମ ହୋଇଥିଲା । ଧୁଳୁଆପଡା ଦଳର ଥିବିର ମାଝୀଙ୍କୁ ଅତିଥି ମାନଙ୍କ ଦ୍ୱାରା ମେନ ଅଫ

ସମ୍ବାଦ
ଆରମ୍ଭ
SEITHO ARAMBHA
ବୁଧବାର, ୧୯ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ଗ୍ୟାସ ସିଲିଣ୍ଡର ଯୋଗାଣ ଏବଂ ଦର ନିୟନ୍ତ୍ରଣ ପାଇଁ ସମନ୍ୱୟ ବୈଠକ

ଯାଜପୁର, ୨୮/୦୪(ଆ.ପ୍ର) : ଆଜି ଜିଲ୍ଲାପାଳଙ୍କ ସଞ୍ଜିକନୀ କକ୍ଷରେ ଜିଲ୍ଲା ସ୍ତରୀୟ ଟିପଟି ପରିଚାଳନା ଜୁଏ୍ ଏବଂ ସମସ୍ତ ଲଣ୍ଡନ ତେଲ ମାର୍କେଟିଂ କମ୍ପାନୀମାନଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଅମର କୁମାର ଜରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏଲପିଜି ଲଣ୍ଡନ ଗ୍ୟାସର ଉପଲବ୍ଧତା, ଯୋଗାଣ ଏବଂ ଡଉଡାମ୍ ମନିଟରିଂ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଯାଜପୁର ସାଂସଦ ଡା.ରମେନ୍ଦ୍ର ନାରାୟଣ ବେହେରା ବୈଠକରେ ଉପସ୍ଥିତ ଥିଲେ । ଜିଲ୍ଲାବାସୀଙ୍କ ଏଲପିଜି ଏବଂ ପେଟ୍ରୋଲିୟମ ଉତ୍ପାଦର ଚାହିଦା ପୂରଣକୁ ସୁନିଶ୍ଚିତ କରିବା ପାଇଁ ଦର ନିୟନ୍ତ୍ରଣ, କଳାବଜାରୀ ରୋକିବା, ଯୋଗାଣ ଶୃଙ୍ଖଳା ପରିଚାଳନା, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାପାଳ ଗ୍ୟାସ ଏଜେନ୍ସିମାନଙ୍କ ସହ ଯାଜପୁର ସହର ଏବଂ ଜିଲ୍ଲାର ବିଭିନ୍ନ ବ୍ଲକରେ ରନ୍ଧନ ଗ୍ୟାସ ସିଲିଣ୍ଡର ଯୋଗାଣର ସ୍ଥିତି ସମୀକ୍ଷା କରିବା ସହ ଟେଣ୍ଡିର ଚାହିଦା ଓ ଯୋଗାଣ ଉପରେ ଧ୍ୟାନ ଦେବ କଳାବଜାରୀ ରୋକିବାକୁ ନିର୍ଦ୍ଦେଶ ଦେଇଥିଲେ । କଳାବଜାରୀ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ଡାଟିଙ୍କୁ କରିଥିଲେ । ଏହାସହ ସ୍କୁଲ ହଷ୍ଟେଲ, ହସ୍ପିଟାଲ, ନେଲ୍ ଲଜି ଅତ୍ୟାବଶ୍ୟକୀୟ ତଥା ଜରୁରୀ ସେବା ଅନୁଷ୍ଠାନଗୁଡ଼ିକୁ ସମସ୍ୟାନୁସାରେ ଗ୍ୟାସ ସିଲିଣ୍ଡର ଯୋଗାଣ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ଶିବାନନ୍ଦ ସ୍ୱାଇଁ, ଜିଲ୍ଲା ଯୋଗାଣ ଅଧିକାରୀ ବିଲ୍ଲୁପ ପାଣିଗ୍ରାହୀ, ଅତିରିକ୍ତ ଯୋଗାଣ ଅଧିକାରୀ, ମାର୍କେଟ ଇନ୍‌ସ୍‌ପେକ୍ଟର, ଅଏଲ ମାର୍କେଟିଂ କମ୍ପାନୀଗୁଡ଼ିକର ପ୍ରତିନିଧି ଏବଂ ଯାଜପୁର ଜିଲ୍ଲାର ସମସ୍ତ ଗ୍ୟାସ ଡିଚଲର ଏଜେନ୍ସି ଯୋଗ ଦେଇଥିଲେ ।

ଗର୍ଭବତୀ ମହିଳାଙ୍କ ଅକସ୍ମାତ୍ ମୃତ୍ୟୁକୁ ନେଇ ଚାଂଚଲ୍ୟ, କାହା ଭୁଲ ପାଇଁ ଦୁଇ ଦୁଇଟି ଜୀବନ ଚାଲିଗଲା
ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଲେ ଅଂଚଳବାସୀ

ଜି.ଉଦୟଗିରି, ୨୮/୦୪(ଆ.ପ୍ର) : ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉଦିବାର ରାତି ରେ ଜଣେ ଗର୍ଭବତୀ ମହିଳାଙ୍କ ଅକସ୍ମାତ୍ ମୃତ୍ୟୁ ଘଟିବା ଘଟଣା ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଛି । ଗର୍ଭ ଧାରଣ ପାଞ୍ଚ ୯ ମାସ ପର୍ଯ୍ୟନ୍ତ ରୁଟିନ ଚେକଅପ ସତ୍ତ୍ୱେ ଜେଉଁଠି ତୃଟି ରହିଲା ଯାହା ଫଳରେ ଏହା ଅଛରେ ଦୁଇଟି ଜୀବନ ଚାଲିଗଲା । ମୃତ ମହିଳା ଲଖଳ ହେବେ ଜି.ଉଦୟଗିରି ବ୍ଲକ କୁମ୍ଭାରକୁପା ଗ୍ରାମର ସ୍ୱେତକେତୁ ପ୍ରଧାନ । ସୂଚନା ଅନୁସାରେ, ସ୍ୱେତକେତୁ ପ୍ରଧାନ ତାଙ୍କ ସ୍ୱାମୀ ରୋସନ୍ ପ୍ରଧାନଙ୍କ ସହ ଗର୍ଭ ଯନ୍ତ୍ରଣା ଯୋଗୁଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିଲେ । ତାଙ୍କୁ ଲେବର ରୁମ୍‌କୁ ନେଇ ଯାଉଥିବା ସମୟରେ ସେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ । ସେହି ସମୟରେ ଆଶା କର୍ମୀ ଓ ନର୍ସ ଓ ଗର୍ଭବତୀଙ୍କ ସ୍ୱାମୀଙ୍କ ସହାୟତାରେ ବେଡ୍‌ରେ ସୁଆଇ ଚିକିତ୍ସା ଆରମ୍ଭ କରିଥିଲେ । କିନ୍ତୁ ଦୁର୍ଭାଗ୍ୟ ବଶତଃ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । କାର୍ଯ୍ୟରତ ଡାକ୍ତର ଡ.ଗୁଡୁନନ୍ଦନ

ଦେହେରା ପରୀକ୍ଷା କରି ମୃତ ଘୋଷଣା କରିଥିଲେ । ଘଟଣା ସମ୍ବନ୍ଧରେ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ସରପଂଚ ଝରେଣା ପ୍ରଧାନ ଓ ଗ୍ରାମବାସୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପହଂଚି ଶୋକ ପ୍ରକାଶ କରିଥିଲେ । ଗର୍ଭବତୀ ମହିଳା ଓ ତାଙ୍କ ଗର୍ଭସ୍ଥ ଶିଶୁର ମୃତ୍ୟୁକୁ ନେଇ ଅଂଚଳରେ ବିଭିନ୍ନ ପ୍ରଶ୍ନ ଉଠୁଥିବା ଶୁଣିବାକୁ ମିଳୁଛି । ମହିଳାଙ୍କ ମୃତ୍ୟୁ କିପରି ହଠାତ୍ ହେଲା ? କୌଣସି ଅନ୍ୟ ଗୁରୁତର ରୋଗ ଥିଲା କି ? ଆଶଙ୍କା ମାତ୍ର ୩ ତାରିଖରେ ତାଙ୍କ ଡେଲିଭେରୀ ଡେଟ ଥିଲା ଏତେ ମାସ ଧରି ଗର୍ଭବତୀ ମହିଳାଙ୍କ ରୁଟିନ ଚେକଅପ ହେଉନଥିଲା କି ? ଏହାସହ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ପରେ ଯଦି ତତ୍‌କ୍ଷଣାତ୍ ଅପରେସନ୍ କରି ଗର୍ଭରେ ଥିବା ଶିଶୁକୁ ବଂଚାଇ ହେଉଥାନ୍ତା, ଶିଶୁଟି ବଂଚିପାରିଥାନ୍ତା କି ନାହିଁ ? ଏ ନେଇ ଅଂଚଳରେ ଚର୍ଚ୍ଚା ଜୋର ଧରିଛି । ଅଂଚଳବାସୀଙ୍କ ଅଭିଯୋଗ ଅନୁସାରେ, ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ନିୟୋଜିତ ଥିବା ସତ୍ତ୍ୱେ ମହିଳା ଓ ଶିଶୁ କୁ ବଂଚେଇବା ପାଇଁ ଏପରି ପରବେକ୍ଷ କାହିଁକି ନିଆଗଲାନାହିଁ । ବିଭାଗର ପରିଚାଳନା ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହେବା ସହ ସ୍ୱାସ୍ଥ୍ୟ ସେବା ଯୋଗାଣ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଶେଷଜ୍ଞ ଡାକ୍ତର ସେହି ସମୟରେ ଉପସ୍ଥିତ ଥିଲେ ହୁଏତ କିଛି ଅଜଣା ଘଟଣା ଘଟିଥାନ୍ତା ମା ଛୁଆ ମଧ୍ୟରୁ ହୁଏତ ଛୁଆକୁ ବଂଚେଇ ପାରିଥାନ୍ତେ ବୋଲି ଆଲୋଚନା ହେଉଛି । ୫୦ ହଜାର ରୁ ଊର୍ଦ୍ଧ ଜନ ସଂଖ୍ୟା ବିଶିଷ୍ଟ ଅଂଚଳରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଅତି ଆବଶ୍ୟକ ଥିବା ବେଳେ ଅଂଚଳର ପ୍ରତି ସରକାରଙ୍କ ଉଦାସୀନତା ପାଇଁ ଲୋକଙ୍କ ଜୀବନ ହାନି ଘଟୁଛି । ଏଇ ଘଟଣା ରୁ ଜଣା ପଡୁଛି ସ୍ୱାସ୍ଥ୍ୟ ବିଭାଗର ବିଫଳତା ନେଇ ଅଂଚଳରେ ଆଲୋଚନା ଜୋର ଧରିଛି । ଡାକ୍ତରଙ୍କ ନିଷ୍ପୃହ ଅଭିଯୋଗ ଆଧାରରେ ସ୍ଥାନୀୟ ଆମଜନତା ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ବୋଲି ଆମ ଅଧିକାରୀ ବିଜୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି । ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି ।

ବ୍ରାହ୍ମଣୀଗାଁ ବନାଂଚଳରେ ହାତୀପଲ, ବନ ବିଭାଗ ପକ୍ଷରୁ ସଚେତନତା

ବାରିଗୁଡା, ୨୮/୦୪(ଆ.ପ୍ର) : କନ୍ଧମାଳ-ଗଞ୍ଜାମ-ଗଜପତି ଜିଲ୍ଲା ସୀମାର ବ୍ରହ୍ମଣୀଗାଁ ବନାଂଚଳ ରେ ହାତୀ ପଲ ବୁଲୁଥିବା ଖବର ଅଂଚଳ ରେ ଭୟ ସୃଷ୍ଟି କରିଛି । ତେବେ କେତେ ଗୋଟି ହାତୀ ଆସିଛନ୍ତି, କେଉଁ ଠାରୁ ଆସିଛନ୍ତି, କେଉଁ ଦିଗକୁ ମୁହାଁଇ ଛନ୍ତି ତାହା ସ୍ପଷ୍ଟ ଜଣା ପଡୁ ନ ଥିବା ବେଳେ ବନ ବିଭାଗ ପକ୍ଷରୁ ହାତୀର ଗତିବିଧିକୁ ତନ ତନ କରି ଯାଂଚ କରୁଥିବା ଜଣା ପଡ଼ିଛି । ସୂଚନା ଅନୁଯାୟୀ ଗଞ୍ଜାମ ଗଜପତି ଓ କନ୍ଧମାଳ ସୀମାର ଜଙ୍ଗଲ ରେ ହାତୀ ପଲ ବୁଲୁଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ସକାଳ ପ୍ରାୟ ୬ଘଂଟା ସମୟରେ ଜାତିଙ୍ଗିଆ ଗ୍ରାମ ପଂଚାୟତର ଗୁଡ଼ିଗୁଡ଼ା ଗ୍ରାମର ଜଣେ ମହିଳା ପଦରକୁ ଯିବା ସମୟରେ ତିନିଗୋଟି ହାତୀ ଆସିଥିବା କହିଛନ୍ତି, ତାଙ୍କ କହିବା ଅନୁଯାୟୀ ହାତୀ ଗୁଡ଼ିକ ପଦରରେ ଥିବା କୁଡ଼ିଆ ଲୁଗାଙ୍କି ଦେଇ ପରେ ନଦୀକୂଳ ଦେଇ ବୁଡୁମୁଣ୍ଡି ପାହାଡ଼ ଅଭିମୁଖେ ଯାଇ ବୁଡୁମୁଣ୍ଡି ଏବଂ ଘାଉଡ଼ୁଛଡ଼ା ପାହାଡ଼ ଆଡ଼େ ମୁହାଇ ଥିବା ଲକ୍ଷ୍ୟ କରାଯାଇଛି । ଖବର ପାଇ ବନାଂଚଳ ଅଧିକାରୀ ଋଷିହର ଦେବେଙ୍କାଙ୍କ ନେତୃତ୍ୱରେ ବନ କର୍ମଚାରୀ ମାନେ ଉକ୍ତ ସ୍ଥାନାପାଇ ଅନୁସନ୍ଧାନରେ ବାହାରି ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ ହାତୀର ଗତିବିଧିକୁ ଯାଂଚ କରୁଥିବା ବେଳେ ତାହା ଗଞ୍ଜାମ ଜିଲ୍ଲାର ଘୁମ୍ସର ଡିଭିଜନ ଆଡ଼େ ଚାଲିଯାଇ ଥିବା ନେଇ ଅନୁମାନ କରାଯାଉ ଥିବା ନେଇ ବନାଂଚଳ ଅଧିକାରୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି ।

ମାନବ-ବନ୍ୟପ୍ରାଣୀ ସଂଘର୍ଷ ପୀଡ଼ିତକୁ ନେଇ ଆଇନ ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୨୮/୦୪(ଆ.ପ୍ର) : ଦୁନିଆରେ ଚିଲି ରହିବାଳୁ ପ୍ରତି ମୁହূର୍ତ୍ତରେ ମାନବ ଓ ବନ୍ୟଜନ୍ତୁ ନିଜ ନିଜ ଜିରେ ସଂଘର୍ଷ କରିଥାନ୍ତି । କିନ୍ତୁ ଏହି ସଂଘର୍ଷରେ ଯେତେବେଳେ ଅଜାନରେ ଜଣେ ପ୍ରାଣ ହରାଇଥାନ୍ତି , ସେତେବେଳେ ତାଙ୍କ ପରିବାର ସାହାଯ୍ୟ ଆଶାରେ ବାରିଆଡ଼େ ହାତ ପତେଇ ନିରାଶାରେ ଜୀବନ ବିତାଇଥାନ୍ତି । ସେହିଭଳି ପରିବାରର ସଦସ୍ୟମାନଙ୍କୁ କିପରି ସରକାରୀ ସାହାଯ୍ୟ ମିଳିପାରିବ ତଥା ସେମାନେ କିପରି ପୁଣି ଆଗକୁ ବଢ଼ି ପାରିବେ ଏହି ଅଭାବୁ ଚିନ୍ତା କରି ଆଜି ଗୁମ୍ମା ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ୍ ଜଗଦୀଶ ପ୍ରସାଦ ମହାଳିଙ୍କ ନିର୍ଦ୍ଦେଶ କ୍ରମେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ବିମଳ ରାଉଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶ୍ରୀ ରାଉଳ ଉପସ୍ଥିତ ଜନସାଧାରଣଙ୍କୁ ବାଲ୍ୟ ବିବାହ ନିରୋଧ ଆଇନ, ପୋସ୍କୋ ଆଇନ, ବନ୍ୟଜନ୍ତୁ ସଂରକ୍ଷଣ ଆଇନ ତଥା ଅନ୍ୟ ଆଇନ କାନୁନ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେଇଥିଲେ । ଏହି ଅବସରରେ ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ନ୍ୟାୟାଳୟର ଲାଭପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ଗାଜେଶ କୁମାର ମିଶ୍ର ମାନବ ବନ୍ୟପ୍ରାଣୀ ସଂଘର୍ଷ ପିଡ଼ାତଙ୍କ ପାଇଁ ରହିଥିବା ସରକାରୀ କ୍ଷତିପୂରଣ ବ୍ୟବସ୍ଥା ଓ ସାଇବର କ୍ରାଇମ ରୋକିବା ନେଇ ରହିଥିବା ବିଭିନ୍ନ ଆଇନ ଉପରେ ସମସ୍ତଙ୍କୁ ସୂଚନା ଦେଇଥିଲେ । ଆଜିର ଏହି ସଚେତନତା କାର୍ଯ୍ୟକ୍ରମ ପାରା ଜିଲ୍ଲାର ଉଚ୍ଚାଧିକାରୀ ଶଣ୍ଡାରେଖା ବିଶୋୟୀ , ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମଚାରୀ ତଥା ଗୁମ୍ମା ପଂଚାୟତର ମିଳିତ ସହଯୋଗରେ ସଂଘଟାର ସହ ଶେଷ ହୋଇଥିଲା ଓ ସର୍ବଶେଷରେ ସ୍ଥାନୀୟ ସରପଂଚ ପିଚାମଣି ରାଉତା ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

ଜଳ ଅପଚୟ ସହିତ ରାସ୍ତାରେ ପାଣି

ଦଣ୍ଡପଲ୍ଲା, ୨୮/୦୪(ଆ.ପ୍ର) : ଦଣ୍ଡପଲ୍ଲା ଏନଏସି ଅନ୍ତର୍ଗତ ୫ ନମ୍ବର ୱାର୍ଡ ଅର୍ଥାତ୍ ମେଡିକାଲ ଛକ ଠାରୁ ଗଣେଶ ବଜାର ମଧ୍ୟସ୍ଥ ସମବାୟ ବ୍ୟାଙ୍କ, ଦଣ୍ଡପଲ୍ଲା ଶାଖା ସନ୍ନିକଟରେ ଜଳ ଯୋଗାଣ ପାଇପ୍ ଫାଟି ବ୍ୟାପକ ଜଳ ଅପଚୟ ହେବା ସହିତ ରାସ୍ତାସାରା ଜଳ ପ୍ରବାହିତ ହେଉଥିବାବେଳେ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନଥିବାରୁ ସ୍ଥାନୀୟ ଜନସାଧାରଣ କ୍ଷୋଭ ପ୍ରକାଶ କରିଛନ୍ତି । ପଟା ପାଇପ୍ ମଧ୍ୟ ଦେଇ ମଇଳା ଆବର୍ଜନା ଜଳ ସହ ଆଖପାଖ ଘରକୁ ପାଇପ୍ ଯୋଗେ ପ୍ରବେଶ କରୁଥିବାର ଜନସାଧାରଣ ଆଶଙ୍କା ବ୍ୟକ୍ତ କରିଛନ୍ତି । ଜଳ ସଂରକ୍ଷଣ ପାଇଁ ଜନ ସଚେତନତା ସୃଷ୍ଟି କରାଯାଉଥିବା ବେଳେ ଏଭଳି ଜଳ ଅପଚୟ ଉପଦେଖେ ଲାଉଣ ହୋଇପଡିଛି । ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଦାବୀ ହେଉଛି ।

କେବେ ସମ୍ପୂର୍ଣ୍ଣ ହେବ ଉନ୍ନତିମୂଳକ କାର୍ଯ୍ୟ ?

ଦଣ୍ଡପଲ୍ଲା, ୨୮/୦୪(ଆ.ପ୍ର) : ବିଗତ ସରକାରଙ୍କ ସମୟରେ ଦଣ୍ଡପଲ୍ଲା ଏନଏସି ଏବଂ ବ୍ଲକର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ଦଣ୍ଡପଲ୍ଲା ବିକାଶ ନିମନ୍ତେ କରାଯାଇଥିଲା । ସେଥି ମଧ୍ୟରୁ କେତେକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଅନେକ ଅଧାପନ୍ତରିଆ ଭାବେ ପଡ଼ିରହିଛି । ଅନ୍ୟ ପକ୍ଷରେ ମଧ୍ୟଶଷ୍ଠ ଡାକ୍ତରଖାନାର ନୂତନ ଗୃହ ପାଇଁ ୧୭ କୋଟି ମଞ୍ଜୁରୀ ହୋଇଥିବା ବେଳେ ତାହା ମଧ୍ୟ ଅନିଶ୍ଚିତତା ମଧ୍ୟରେ ଗତି କରୁଛି । ଦଣ୍ଡପଲ୍ଲା ଡାକ୍ତରଖାନାର ନୂତନ ଗୃହ (ମାତୃ ଓ ଶିଶୁ କଲ୍ୟାଣ ଗୃହ)ସମ୍ପୂର୍ଣ୍ଣ ହୋଇ ମଧ୍ୟ ଉଦଘାଟନ ହୋଇପାରୁନଥିବା ବେଳେ ତାହାର ସିଡ଼ିଂ ଖସିବା ଆରମ୍ଭ ହେଲାଣି । ଡାକ୍ତରଖାନାରେ ଡାକ୍ତରଙ୍କ ଅଭାବ ଦେଖାଦେଇଛି ତଥା ରୋଗୀ ଙ୍କୁ ବାହାରକୁ ରେଫର କରାଯାଉଛି । ଦଣ୍ଡପଲ୍ଲା ବ୍ଲକର ଅନ୍ୟ ଡାକ୍ତରଖାନାରେ ଡାକ୍ତର ନ ରହିବା ଓ ଅନ୍ୟ କେଉଁ ଡାକ୍ତାରେ ଡାକ୍ତର ପାଳି କରି ରୋଗୀ ଦେଖିବା ମଧ୍ୟ ଶୁଣାଯାଉଛି । ଟ୍ରାମା କେୟାର ସେଂଟର ମଧ୍ୟ ସ୍ୱପ୍ନ ରେ ରହିଗଲାଣି । ଶବ ବ୍ୟବଚ୍ଛେଦ ଗୃହ ଟିଏ ମଧ୍ୟ ବିଗତ ଦିନରେ ଦାବୀ ହୋଇଥିଲେ ମଧ୍ୟ ଫଳ ଶୂନ । ଆଦର୍ଶ ବିଦ୍ୟାଳୟ ର ଛାତ୍ରୀ ନିବାସ ନିର୍ମାଣ ସରିଥିଲେ ମଧ୍ୟ ନାଁ ଉଦଘାଟନ ହେଉଛି ନାଁ ଛାତ୍ରୀ ମାନଙ୍କ ରହିବା ସ୍ଥିରୀକୃତ ହେଉଛି । ଦଣ୍ଡପଲ୍ଲା ରେ ଛଟୁ ଫୁଟିବା ଭଳି କୋଟିଂ ସେଂଟର ତଥା ପ୍ଲାଉଡେଟ ସ୍କୁଲ ଗଢି ଉଠିଥିବା ବେଳେ ଅଭିଭାବକଙ୍କୁ ଶୋଷଣ କରାଯାଉଥିବା ଶୁଣାଯାଉଛି । ଅଧିକାଂଶ ବିଦ୍ୟାଳୟ ରେ ଯଦିଓ ତାଲିମ ପ୍ରାପ୍ତ ଶିକ୍ଷକ ରହିବା ପାଇଁ ନିୟମ ଥିବା ବେଳେ ଏଠି କିନ୍ତୁ ଜାଗାଜ କାଜମରେ ସଠିକ ଦର୍ଶାଇ ସବୁ ଠିକ ଚାଲିଛି ।ଏଥିପାଇଁ ଶିକ୍ଷା ବିଭାଗ ଅଧିକାରୀଙ୍କ କାର୍ଯ୍ୟାନୁଷ୍ଠାନ ଶୂନ । ଦଣ୍ଡପଲ୍ଲା ବାଉପାସ ରୋଡ଼ କାମ ମଧ୍ୟ ଧିମା ଗତିରେ ଚାଲିଛି ଯଦ୍ୱାରା ଟ୍ରାଫିକ ଅବସ୍ଥା ଶୋଚନୀୟ ହୋଇପଡୁଛି । ଆନ୍ତର୍ଜାତୀୟ ଅରାବ କ୍ରିଡ଼ା ଭାଳନୈତିକ ଜୟନଦାଳା ପାଇଁ ଦଣ୍ଡପଲ୍ଲା ଜନସାଧାରଣ ଆଜି ଜାଗୁଥା ଭଳି ଚାହିଁ ରହିଛନ୍ତି । ଦେଖାଯାଉ ଦଣ୍ଡପଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ନୂତନ ସରକାର କି ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

ସ୍ୱର୍ଗତ ଅଇରୀ ନାଶନ ଚିନ୍ଦାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ଧର୍ମଗଡ଼, ୨୮/୦୪(ଆ.ପ୍ର) : ସ୍ୱର୍ଗତ ଅଧ୍ୟକ୍ଷ ଅଇରୀ ନାଶନ ଚିନ୍ଦାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଲୋକସଭା ସ୍ଥିତ ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଥିଲା । ଲୋକସଭା ପଂଚାୟତ କମିଟି ମହାବିଦ୍ୟାଳୟର କର୍ମଚାରୀ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଜୁନିୟର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ କର୍ମଚାରୀ, ସାମାଜିକ ସମେତ ଅଂଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ ଅଇରୀ ଚିନ୍ଦା ଜଣେ ଭଦ୍ର, ନମ୍ର,ବରିବିନ୍ମ ଭାବରେ ଅଂଚଳରେ ବେଶ ସୁପରିଚିତ ଥିଲେ । ତାଙ୍କ ଏହି ଶ୍ରାଦ୍ଧ ବାର୍ଷିକୀ ଉପଦରେ ତାଙ୍କ କଥା ସବୁ ମନେ ପଡୁଛି ଉପସ୍ଥିତ ସମସ୍ତେ ଭାବ ବିହ୍ୱଳ ହୋଇ ପଡ଼ିଥିଲେ । ଏହି ଅବସରରେ ତାଙ୍କ ବଡ଼ ଝିଅ ବାପାଙ୍କ ଉଦ୍ଦେଶ୍ୟରେ ଏକ କବିତା ଗାନ କରି ଛୋଟ ସାନକି ନପାରି କାନ୍ଦି ପକାଇଥିଲେ । କାର୍ଯ୍ୟକ୍ରମରେ ସ୍ୱର୍ଗତ ଚିନ୍ଦାଙ୍କ ଜାପା ଦୁର୍ଗା ଚରଣ ଚିନ୍ଦା, ମା' ବାସନ୍ତୀ ଚିନ୍ଦା, ଶ୍ରୀ ଜାଷ୍ଟିମିୟା ପଣ୍ଡା, ଭାଇ ଅଭୟ ନାରନ ଚିନ୍ଦା, ଝିଅ ଅନନ୍ୟା ଭାରତୀ ଓ ଆର୍ଯ୍ୟା ଅଭନ୍ଦିତା ଏବଂ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ଶ୍ରାଦ୍ଧ ବାର୍ଷିକୀ ଅବସରରେ ସ୍ୱର୍ଗତ ଚିନ୍ଦାଙ୍କ ଦାସ ଭବନରେ ଶ୍ରାଦ୍ଧ କାର୍ଯ୍ୟ ଓ ସ୍ମୃତି ସଭା ହୋଇଥିଲା ।

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଭୂତତ୍ୱ ବିଭାଗରେ ଜାତୀୟ ପାଠଚକ୍ର

ଖଲ୍ଲିକୋଟ, ୨୮/୦୪(ଆ.ପ୍ର) : ତାରିଖ ୨୮-୦୪-୨୦୨୪ ଦିନ ଖଲ୍ଲିକୋଟ ଏକକ ବିଶ୍ୱ ବିଦ୍ୟାଳୟ ର ଭୂତତ୍ୱ ବିଭାଗ ରେ ଦ୍ୱିଦିବସୀୟ ଜାତୀୟ ପାଠଚକ୍ର ଉଦଘାଟିତ ହୋଇଯାଇଛି । କୁଳପତି ପ୍ରଫେସର ଅସୀମା ସାହୁଙ୍କ ପ୍ରେରଣା ଓ ପୃଷ୍ଠପୋଷକତାରେ ଆୟୋଜିତ, 'ଭୂ ବିଜ୍ଞାନର ଅଦ୍ୟତନ ଧାରା' ଶୀର୍ଷକ ଏହି ପାଠଚକ୍ର ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପୁଷ୍ପ ଅର୍ପଣ ପୂର୍ବକ ଉଦଘାଟିତ ହୋଇଥିଲା । ଉଦ୍ଘାଟନୀ ଅଧିବେଶନରେ ବିଭାଗ ମୁଖ୍ୟ ତଥା ଶ୍ରୀଚୈତନ୍ୟର ପରିଷଦ ଅଧ୍ୟକ୍ଷ ଡ. ମନୋଜ କୁମାର ପଟନାୟକ ପାଠଚକ୍ର ସମ୍ପର୍କରେ ସୂଚନା ଦେବା ସହ ଭୂବିଜ୍ଞାନ ର ଧାରା ସମ୍ପର୍କ ରେ ବର୍ଣ୍ଣନା କରିଥିଲେ ।

ଦୈନିକ
ଆରମ୍ଭ
SEITHO ARAMBHA

ବୁଧବାର, ୨୯ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ନୂଆପଡ଼ାରେ ଜିଲ୍ଲା ଉନ୍ନୟନ ସମିତି ଓ ଗ୍ରାମଦୟ ବୈଠକ
ପାଣି ସମସ୍ୟା ଓ ଉନ୍ନୟନ କାର୍ଯ୍ୟରେ ଜିଲ୍ଲାପାଳଙ୍କ ଜୋର

ନୂଆପଡ଼ା, ୨୮/୦୪(ଆ.ପ୍ର) : ନୂଆପଡ଼ା ଜିଲ୍ଲାର ସାମଗ୍ରିକ ଉନ୍ନତିକୁ ବୃଦ୍ଧାନ୍ୱିତ କରିବା ସହ ଅଞ୍ଚଳଭିତ୍ତିକ ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ସଚ୍ଚାବନା ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ବାଶାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଉନ୍ନୟନ ସମିତିର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ କନଖଣ୍ଡ ଅଧିକାରୀ (ପ୍ରଶାସନ) ଅଜିତ୍ ଖାନ, ଅତିରିକ୍ତ ଜିଲ୍ଲାପାଳ ସୁଦାଶ୍ତ ବସୁ ରାଉତ, ଉପ ଜିଲ୍ଲାପାଳ ସୁମୀ ଗୋରେନ, ଏସିଡି କ୍ଷମାନିଧି ଭୋଲ ସହ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡ଼ିଓ ଓ ତହସିଲଦାରମାନେ ଉପସ୍ଥିତ ଥିଲେ । ବୈଠକର ଆରମ୍ଭରେ ଜିଲ୍ଲାପାଳ ପାଣି ସମସ୍ୟାକୁ ପ୍ରାଥମିକତା ଦେଇ ସମ୍ବନ୍ଧିତ ବିଭାଗକୁ ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ସରକାରୀ କାର୍ଯ୍ୟାଳୟରେ 'ଓସଓସ୍' ମାଧ୍ୟମରେ ଅନଲାଇନ ଫାଇଲ ଆଦାନ-ପ୍ରଦାନକୁ ତ୍ୱରାନ୍ୱିତ କରିବା ସହ ସର୍ବାଧିକ କାର୍ଯ୍ୟଦକ୍ଷ କାର୍ଯ୍ୟାଳୟକୁ ପୁରସ୍କୃତ କରାଯିବ ବୋଲି ସେ ଘୋଷଣା କରିଥିଲେ । ଉପ ନିର୍ଦ୍ଦେଶକ (ପରିସଂଖ୍ୟାନ) ଦିଲେଶ୍ୱର ଧରୁଆ ପୂର୍ବତନ ବୈଠକର ବିବରଣୀ ଉପସ୍ଥାପନ କରିଥିଲେ । ପରେ ଜିଲ୍ଲାପାଳ ବିଭିନ୍ନ ବିଭାଗର ଗତ ମାସର କାର୍ଯ୍ୟ ଅଗ୍ରଗତି, ରାଧା ଓ ସମସ୍ୟା ସମ୍ବନ୍ଧରେ ସମୀକ୍ଷା କରିଥିଲେ । ପର୍ଯ୍ୟଟନ ବିଭାଗ ସହିତ ରାଷ୍ଟ୍ର, ଗୃହନିର୍ମାଣ, ଗ୍ରାମ୍ୟ ଉନ୍ନୟନ ଓ ଜାତୀୟ ରାଜପଥ ବିଭାଗର କାର୍ଯ୍ୟକୁ ଶୀଘ୍ର ସମାପ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ଏହାସହିତ ଜନସେବନ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ଜଙ୍ଗଲ ଓ ଖଣି ବିଭାଗର କାର୍ଯ୍ୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ତହସିଲଦାରମାନଙ୍କ ଦ୍ୱାରା ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ, ପଶୁ ଚିକିତ୍ସାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଓ ଖେଳପଡ଼ିଆ ପାଇଁ ଜମି ପଟ୍ଟା ପ୍ରଦାନ ଓ ନୂତନ ଭବନ ନିର୍ମାଣ ବିଷୟ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ବୈଠକ ଶେଷରେ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ଉପସ୍ଥାପିତ ଜାତନା ସହ କାମ କରି ଜିଲ୍ଲାର ଉନ୍ନୟନକୁ ତ୍ୱରିତ ଗତି ଦେବାକୁ ଆହ୍ୱାନ କରିଥିଲେ । ପରବର୍ତ୍ତୀକାଳରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗ୍ରାମମୟ ସମୀକ୍ଷା ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଲ ବୈଠକର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ । ବୈଠକରେ ଜିଲ୍ଲାରେ କୋମିଓପାଥିକ ହସ୍ପିଟାଲ ପ୍ରତିଷ୍ଠା ପାଇଁ ୧୪ ଏକର ଜମି ଚିହ୍ନଟ ହୋଇଥିବା ଜଣାପଡ଼ିଥିଲା । ଏହାର ସତ୍ୟାପନ ପାଇଁ ଜିଲ୍ଲାପାଳ ଅତିରିକ୍ତ ଜିଲ୍ଲାପାଳ ଓ ଉପ ଜିଲ୍ଲାପାଳଙ୍କୁ ଯୁକ୍ତ ପରିଦର୍ଶନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାସହିତ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟରେ ଚଟଶେଡ ଓ OPSC ପରୀକ୍ଷା ପ୍ରାର୍ଥୀମାନଙ୍କ ପାଇଁ ମାଗଣା କୋଚିଂ ବ୍ୟବସ୍ଥା ଆରମ୍ଭ ହୋଇଥିବା ବିଷୟ ମଧ୍ୟ ଉଲ୍ଲେଖ କରାଯାଇଥିଲା । ସମ୍ମୁଖ ବୈଠକରେ ଜିଲ୍ଲାର ଉନ୍ନୟନ କାର୍ଯ୍ୟକୁ ଅଧିକ ଗତି ଦେବା ସହ ସାଧାରଣ ଲୋକଙ୍କୁ ଉନ୍ନତ ସେବା ପ୍ରଦାନ ଉପରେ ଜିଲ୍ଲାପାଳ ଜୋର ଦେଇଥିଲେ ।

ଖଣି ବିଭାଗ ଧରିଲା ପୋଲିସ ଖସାଇ ଦେଲା ବୋଲି ଚର୍ଚ୍ଚା

ହାଟଡିହି, ୨୮/୦୪(ଆ.ପ୍ର) : ହାଟଡିହି ଶୁକ୍ରବାର ଦିନ ସନ୍ଧ୍ୟା ସମୟ ରେ କେନ୍ଦୁଝର ଖଣି ବିଭାଗ ପକ୍ଷରୁ ଅଚାନକ ଚଢ଼ାଉ କରି ବିନା ଟ୍ରା ଜିଟ ପାସରେ ପରିବହନ ହେଉଥିବା ନେଇ ବାଲି ବୋଝେଇ ହାଇଡ୍ରା ଗାଡ଼ିଟିକୁ ଅଟକ ରଖିଥିଲା । ଯାହାର ନମ୍ବର ହେଲା ଓଡି ୩୫ ଜ ୫୬୨୭ । ହେଲେ ଘଟଣା ସ୍ଥଳରେ ବାଲି ପରିବହନ ପେପର ନଥିବାରୁ ଖଣି ବିଭାଗ ତିନି ଲକ୍ଷ ଛଅଶି ଟଙ୍କା ଫାଇନ କାଟି ଦାବୁ ମାଲିକଙ୍କୁ ଦାବି ଥିଲା । ଏତେ ଟଙ୍କା ଦେବାକୁ ମାଲିକ ରାଜି ନହୋଇ ପୁରୁଣା ପରିବହନ ସିକ୍ରିତି ଦେଖାଇ ଖଣି ଯିବାକୁ ଚାହୁଁ ଥିଲା । କିନ୍ତୁ ଖଣି ବିଭାଗ ଅଧିକାରୀଙ୍କୁ ଦେଖି ରାସ୍ତା ଦେଇନଥିବା ଗାଡ଼ିକୁ ନନ୍ଦିପଦା ପୋଲିସକୁ ହସ୍ତାନ୍ତର କରାଯାଇଥିଲା । ନନ୍ଦିପଦା ପୋଲିସ ଉକ୍ତ ଗାଡ଼ି ଦୁଇଦିନ ଅଟକ ରଖିବା ପରେ ଶୋମବାର ଦିନ ଗାଡ଼ିଟି ଦେଖିବାକୁ ମିଳିନଥିଲା । ଏହାକୁ ନେଇ ନନ୍ଦିପଦା ପୋଲିସକୁ ପଚାରି ବାରୁ ଗାଡ଼ି ନମ୍ବର ମାମଲା ରୁଲୁ ହୋଇଥିଲା । ପୂର୍ବରୁ ଏପରି ଏକ ଘଟଣା ଦେଖିବାରୁ ମିଳିଥିଲା କି ପୋଲିସ ଗାଡ଼ି ଗୁଡ଼ିକ ଜବତ କରି ରଖିବା ପରେ ପରେ ରାତି ରାତି ଗାଡ଼ିକୁ ସେହି ସ୍ଥାନ ରୁ ଖସାଇ ନେଇ ଯାଇଥିଲେ । ପରେ ଖସି ଯାଇଥିବା ଗାଡ଼ି ଉପରେ ଗୋଟି ମାମଲା ରୁଲୁ ହେବା ପରେ ପୋଲିସ ଗାଡ଼ିକୁ ଅଣିଥିଲା । କିନ୍ତୁ ଶୁକ୍ରବାର ଦିନ ସନ୍ଧ୍ୟାରେ ଧରା ପଡିଥିବା ୫୬୨୭ ଜାତୀୟ ନାମକ ଗାଡ଼ି ଆମା ରେ ଫାଇନ ଦେଇ ଖସି ଯାଇଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି । କିନ୍ତୁ ମାମଲା ରୁଲୁ ହେବା ପରେ ଖଣି ବିଭାଗ ଧରିଥିବା ଗାଡ଼ି କେଉଁ ଅଧାର ବଳରେ ମାମଲା ରୁଲୁ କରି କିଏ ଓ କାହିଁକି ଛାଡ଼ିରେ ତାକୁ ନେଇ ପ୍ରଶ୍ନ ଚର୍ଚ୍ଚା ଜୋର୍ ଧରିଛି ।

ଜୁନାଗଡ଼ କୋର୍ଟ ପରିସରରେ ମଧୁବାବୁ ଜୟନ୍ତୀ ମହାସମାରୋହରେ ପାଳିତ

ଜୁନାଗଡ଼, ୨୮/୦୪(ଆ.ପ୍ର) : ଜୁନାଗଡ଼ କୋର୍ଟ ପରିସରରେ ଜଳ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇ ଯାଇଛି । ଏହି ସଭାରେ ଓଲିଲ ଗଞ୍ଜ ସଭାପତି ହିମାଂଶୁ ଶେଖର ବରାଟ୍ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନ୍ୟାୟଧୀଶ ଜମ ଯେ ଏମ ଏଫ ସି ମାନ୍ୟବର ପଦ୍ମଲାଲ ମାଣ୍ଟୋ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ମାନ୍ୟବର ଦିପେନ୍ଦ୍ର ସିଂ ରାଠୋଡ୍ ଜେ ଏମ ଏଫସି ଜମ ସିଭିଲ ଜଜ ଜୁନିଅର ଡିଭିଜନଙ୍କ ସହ ସାନମାନିତ ଅତିଥି ଭାବେ ବରିଷ୍ଠ ଆଇନ ଯିବି ସୁରେଶ ପଣ୍ଡା, ଅଶୋକ ପାତ୍ର, ବାଲକୃଷ୍ଣ ଅଚାରୀ, ସମ୍ପାଦକ ରମେଶ କୁମାର ନାଏକ ମଂଚ ସିନ ଥିଲେ । ମଧୁବାବୁଙ୍କ ଯିବନି ଉପରେ ସମ୍ମନ୍ତ ବକ୍ତା ଅଭିଭାଷଣରେ ଏକ ଜଜ କୋଟିର ବାଲିବ୍ଦ ଥିଲେ ମଧୁ ବାବୁ ବୋଲି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉତ୍କଳେଶ୍ୱରୀୟ କାର୍ଯ୍ୟ ପାଇଁ ବରିଷ୍ଠ ଆଇନଜୀବୀ ହିମାଂଶୁ ବରାଟ୍, ବାଳକୃଷ୍ଣ ଆଚାରି, ଦିପେନ ସାହୁ, ଏବଂ ରମେଶ ନାଏକଙ୍କୁ ଉପଢୌକନ ଦେଇ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଏହି ସଭାରେ ଜୁନାଗଡ଼ ବାରର ସମସ୍ତ ଓକିଲ ଉପସ୍ଥିତ ରହି ଥିଲେ

ଭୋଗରାଇର ବିଭିନ୍ନ ସ୍ଥାନରେ ଚୋରି କରୁଥିବା ମାଷ୍ଟର ମାଇଣ୍ଡ ଚୋର ଗିରଫ

ଭୋଗରାଇ, ୨୮/୦୪(ଆ.ପ୍ର) : ଭୋଗରାଇ ବ୍ଲକର ବିଭିନ୍ନ ଘର, ମନ୍ଦିର, ଗଛଣା ବୋଲାନ ଲଟାଦିରୁ ଚୋରି ହେଉଥିବା ନେଇ ବାଗୟାର ଭୋଗରାଇ ଥାନାରେ ଅଭିଯୋଗ ହେଉଥିଲା । ଏନେଇ ପୋଲିସ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟି ଥିବା ବେଳେ ଚୋରି କରୁଥିବା ମାଷ୍ଟର ମାଇଣ୍ଡ ଚୋରକୁ ଗିରଫ କରି ବଡ଼ ସଫଳତା ହାସଲ କରିଛି ଭୋଗରାଇ ପୋଲିସ । ସୂତ୍ରରୁ ପ୍ରକାଶ, ପୂର୍ବ ମେଦିନୀପୁର ଜିଲ୍ଲା ରାମନଗର ଥାନା ସନ୍ତେଶ୍ୱରପୁର ଗ୍ରାମର ଏସ କେ ଅଜିତକୁ ଗିରଫ କରି କୋର୍ଟ ଚାଲାଣ କରିଛି ଭୋଗରାଇ ପୋଲିସ । ଭୋଗରାଇ ବ୍ଲକର ବାଟଗ୍ରାମ ଗ୍ରାମରେ ୨ ଟି ଚୋରି, ଦେଉଳା ଗ୍ରାମରେ ୩ ଟି ଚୋରି, ଗଣେଶ୍ୱରପୁର ଗ୍ରାମରେ ୧ ଟି ଚୋରି, ଦିଗଲାଣି ଗ୍ରାମରେ ୧ଟି ଚୋରି, ଗୋବର୍ଦ୍ଧନପୁର ଗ୍ରାମରେ ୧ଟି ଚୋରି, ମନ୍ଦାରମଣି ଶୀତଳା ମାତା ମନ୍ଦିରରୁ ଚୋରି ଓ ଚାଣ୍ଡି ଗ୍ରାମରେ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ତାହା ସହିତ ଦେଉଳା ଗ୍ରାମର ପରେଶ କୁମାର ମହାଲିଙ୍କ ଘରୁ ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଥିଲା । ଏନେଇ ଭୋଗରାଇ ଥାନାରେ ୧୦୯/୨୬ରେ ଏକ ମାମଲା ରୁଲୁ କରିବା ସହିତ ସିସିଟିଭି ଫୁଟେଜକୁ ଭିତି କରି ଭୋଗରାଇ ଥାନା ଥାନ ଆଇ ସି ଜ୍ଞାନ ରଞ୍ଜନ ସାହୁଙ୍କ ନିର୍ଦ୍ଦେଶରେ ଏକ ୬ ଜଣିଆ ଟିମ୍ ତଦନ୍ତ ଆରମ୍ଭ କରିଥିଲେ । ତଦିବାର ଅପରାଣ୍ଡରେ ପୂର୍ବ ମେଦିନୀପୁର ଜିଲ୍ଲା ରାମନଗର ଥାନା ସନ୍ତେଶ୍ୱରପୁର ଏନାମୁଲ ଅଜିତର ପୁଅ ଏସ କେ ଅଜିତ୍ ଅନଜିଆ ଫଂଚାୟତର ମାନକୁଣ୍ଡା ଚେକ୍ ପୋଷ୍ଟ ପାଖରେ ବୁଲୁଥିବା ସମୟରେ ସନ୍ଦେହ କରି ଭୋଗରାଇ ପୋଲିସ ଥାନାରୁ ଆସି ପଚରାଉଚରା କରିଥିଲା । ପୋଲିସ ଅଭିଯୁକ୍ତଙ୍କୁ ଅଧିକ ପଚାରାଉଚରା କରିବା ପରେ ସେ ସମସ୍ତ ଚୋରି ମାନିଥିବା ବେଳେ ଅନଜିଆ ହାତରେ ଘଣ୍ଟା ହୋଇଥିଲା । ତାହା ସହିତ ଦେଉଳା ଗ୍ରାମର ପରେଶ କୁମାର ମହାଲିଙ୍କ ଘରୁ ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଥିଲା । ଏନେଇ ଭୋଗରାଇ ଥାନାରେ ୧୦୯/୨୬ରେ ଏକ ମାମଲା ରୁଲୁ କରିବା ସହିତ ସିସିଟିଭି ଫୁଟେଜକୁ ଭିତି କରି ଭୋଗରାଇ ଥାନା ଥାନ ଆଇ ସି ଜ୍ଞାନ ରଞ୍ଜନ ସାହୁଙ୍କ ନିର୍ଦ୍ଦେଶରେ ଏକ ୬ ଅଭିଯୁକ୍ତ ନାମରେ ବିଭିନ୍ନ ଚୋରୀ, ଡକାୟତି, ଡଳକ୍ସାର ଇତ୍ୟାଦି ମାମଲା ରହିଥିବାବେଳେ ଭୋଗରାଇ ଥାନାରେ ୧୧ଟି, ପଶ୍ଚିମବଙ୍ଗର ରାମନଗର ଥାନାରେ ୭ ଟି, ଦାଶୀ ଥାନାରେ ୫ ଟି, ଦାଣ୍ଡକୁଡ ଥାନାରେ ୫ ଟି ଓ ମାରିଶଗା ଥାନାରେ ୪ ଟି କେସ ରହିଥିବା ପୋଲିସ ଗୁରୁତ୍ୱ ଜଣାପଡ଼ିଛି । ପୋଲିସ ଅଭିଯୁକ୍ତ ଏସ କେ ଅଜିତ୍ ଓ ରାଣୀ ଚୋରାନା ବିଶ୍ୱଜିତ ଜାମିନାଙ୍କୁ ଗିରଫ କରିବା ସହିତ କୋର୍ଟରେ ହାଜର କରାଯାଇଥିଲା ବେଳେ ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତରୁ ପଠାଯାଇଥିବା ଭୋଗରାଇ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାହୁ ସୂଚନା ଦେଇଛନ୍ତି । ଏହି ତଦନ୍ତରେ ଭୋଗରାଇ ଥାନା ଅଧିକାରୀ ଶ୍ରୀ ସାହୁ, ଏ ସ ଆଇ ବୁଦ୍ଧିଆ ମୁର୍ମୁ, ରାଘବ ରାଉତ, ଦୀପକ ବେହେରା, ଅଜୟ ବାସ ପ୍ରମୁଖ ସହଯୋଗ କରିଥିଲେ ।

ସୁରକ୍ଷା ଆଇନ, ପେନସନ୍ ଓ ସ୍ୱାସ୍ଥ୍ୟବୀମା ପାଇଁ ଉତ୍କଳ ସାମ୍ବାଦିକ ସଂଘର ଆହ୍ୱାନ

ନୂଆପଡ଼ା, ୨୮/୦୪(ଆ.ପ୍ର) : ନୂଆପଡ଼ାରେ ସାମ୍ବାଦିକଙ୍କ ଅଧିକାର ପାଇଁ ଆସନ୍ତାକାଲି ଏକ ବିଶାଳ ଆନ୍ଦୋଳନ ବେଷ୍ଟାରୁଣ୍ଟ ମିଳିବ । ଉତ୍କଳ ସାମ୍ବାଦିକ ସଂଘ, ଡଡ଼ିଶାର ଆହ୍ୱାନରେ ଏପ୍ରିଲ ୨୯ ବୁଧବାର ସକାଳ ୯ଟାରୁ ନୂଆପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଶେଷ ପ୍ରଦର୍ଶନ ସହ ଗଣଧାରଣା ଅନୁଷ୍ଠିତ ହେବ । ଏହି ଆନ୍ଦୋଳନରେ ସାମ୍ବାଦିକଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ଆଇନ ପ୍ରଣୟନ, ଅବସରକାଳୀନ ପେନସନ୍, ସ୍ୱାସ୍ଥ୍ୟବୀମା ଯୋଜନାର ବ୍ୟାପକ ସମ୍ପ୍ରସାରଣ ଭଳି ମୁଖ୍ୟ ଦାବି ଉଠାଯିବ । ସେଥିସହିତ ସାମ୍ବାଦିକଙ୍କୁ ବ୍ୟାପକ ଅଧିସ୍ୱୀକୃତି, ପ୍ରେସ୍ ଆକାଡେମୀ ଗଠନ ଓ ଅନୁକମ୍ପା ମୂଳକ ସହାୟତା ରାଶିକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ମଧ୍ୟ ଦାବି ରହିଛି । ସକାଳ ୯ଟାରୁ ଦିବା ୧୧ଟା ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଗଣଧାରଣାରେ ସଂଘର ସମସ୍ତ ସଦସ୍ୟ, ସଦସ୍ୟା ଓ କର୍ମକର୍ତ୍ତାମାନେ ବିପୁଳ ସଂଖ୍ୟାରେ ଯୋଗଦେବାକୁ ଆହ୍ୱାନ ଜଣାଇଛନ୍ତି । ସଂଘ ପକ୍ଷରୁ କୁହାଯାଇଛି ଏହା କେବଳ ଆନ୍ଦୋଳନ ନୁହେଁ, ସାମ୍ବାଦିକଙ୍କ ସୁରକ୍ଷା ଓ ସମ୍ମାନ ପାଇଁ ଏକ ସ୍ୱାଭିମାନର ଲଢ଼େଇ । ସମସ୍ତ ସାମ୍ବାଦିକଙ୍କୁ ଏଇଠି ହୋଇ ନିଜ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ ଦିଆଯାଇଛି ।

ଅସହାୟ ଧୁଶାସନକୁ ମିଳିଲା ଅନ୍ତୋଦୟ ଗୃହ ଓ ବର୍ଦ୍ଧିତ ଭତା



ନିମାପଡା, ୨୮/୦୪(ଆ.ପ୍ର) : ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଲୋଡରା ପଂଚାୟତ କୁଣ୍ଡୁପୁର ଗ୍ରାମର ରୋଗାକ୍ରାନ୍ତ ଧୁଶାସନ ପ୍ରଧାନଙ୍କ ପତ୍ନୀ ଶୋରାମଣି ପ୍ରଧାନଙ୍କ ଦୁଃଖ ଭଲା କାହାଣୀ ବିଭିନ୍ନ ଗଣ ମାଧ୍ୟମ ରେ ପ୍ରକାଶ ପାଇବା ପରେ, ସରକାରଙ୍କ ପକ୍ଷରୁ ତାଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ସୂଚନା ଅନୁଯାୟୀ, ଶୋରାମଣି ଓ ତାଙ୍କ ପରିବାର ଅତି ଶୋଚନୀୟ ଅବସ୍ଥାରେ କାଳାତିପାତ କରୁଥିଲେ । ଏ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ସରପଂଚ ଚାଲୁଲତା ବେହେରା ତୁରନ୍ତ ଶୋରାମଣିଙ୍କ ଘରକୁ ଯାଇ ସମସ୍ତ ବିଷୟ ଅନୁଧ୍ୟାନ କରିଥିଲେ ଏବଂ ନିମାପଡ଼ା ବିଡ଼ିଓଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ । ନିମାପଡ଼ା ବିଡ଼ିଓଙ୍କ ନିର୍ଦ୍ଦେଶକ୍ରମେ ପଂଚାୟତ ଅଧିକାରୀ ଘଟଣାର ତଦନ୍ତ କରିଥିଲେ । ଫଳସ୍ୱରୂପ, ଶୋରାମଣିଙ୍କ ମାସିକ ଭତାକୁ ୧୦୦୦ ଟଙ୍କାରୁ ୧୨୦୦ ଟଙ୍କାକୁ ବୃଦ୍ଧି କରାଯିବା ସହ ଓଡ଼ିଶା ସରକାରଙ୍କ ପଂଚାୟତରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଗତ ୨୪/୦୪/୨୦୨୬ ତାରିଖରେ ଏକ 'ଅନ୍ତୋଦୟ ଗୃହ' ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ସରକାରୀ ସହାୟତା ପାଇବା ପରେ ଶୋରାମଣିଙ୍କ ପରିବାର ପକ୍ଷରୁ ଗଣ ମାଧ୍ୟମ କୁ ଉଚ୍ଚାର କୃତଜ୍ଞତା ଜଣାଇଛନ୍ତି ।

ବୃଦ୍ଧାଙ୍କ ଝୁଲନ୍ତା ଅବସ୍ଥାରେ ଶବ ଉଦ୍ଧାର, ଜମିବାଡ଼ି ବିବାଦ ଯୋଗୁଁ ଆତ୍ମହତ୍ୟା

ସିମୁଳିଆ, ୨୮/୦୪(ଆ.ପ୍ର) : ବମଡିଆ ଗ୍ରାମରୁ ସିଡି ଘରେ ଝୁଲନ୍ତା ଅବସ୍ଥାରେ ବୃଦ୍ଧାଙ୍କ ଶରୀର ଉଦ୍ଧାର । ଆତ୍ମହତ୍ୟା କରିବା ସହ ହାତଲେଖା ଚିଠି ଜବତ, ତଦନ୍ତ ହେଲେ ପ୍ରକୃତ ତଥ୍ୟ ପଦାକୁ ଆସିବ । ସୂଚନାନୁସାରେ ସିମୁଳିଆ ଥାନା ଅନ୍ତର୍ଗତ ପୂର୍ବଗୋଡ଼ମପୁର ପଂଚାୟତର ବମଡିଆ ଗ୍ରାମର ଗୌରୀ ଖୁଣ୍ଟିଆ(୭୬)ବର୍ଷର ଓ ତିନି ଝିଅ ନେଇ ପରିବାର । ପରିବାର ଲୋକେ ଶୋମବାର ଦିନ ରାତିରେ ଖାଇ ଶୋଇଥିଲେ । ମାତ୍ର ପରିବାର ଲୋକେ ସକାଳୁ ଉଠି ଦେଖିବା ବେଳକୁ ମା ଗୌରୀକୁ ଶୋଇବା ସ୍ଥାନରୁ ଦେଖିବାକୁ ନ ପାଇ ଖୋଜାଖୋଜି କରିଥିଲେ । ଶେଷରେ ସିଡ଼ି ଘରୁ ଏକ ବାଉଁଶ ଚାଡ଼ିରେ ଝୋଡ଼ି ସାହାଯ୍ୟରେ ଝୁଲି ଥିବାର ଦେଖିବାକୁ ପାଇଥିଲେ । ଖବର ପାଇ ସିମୁଳିଆ ପୋଲିସ ଘଟଣା ସ୍ଥଳରେ ପହଂଚି ଶବଟିକୁ ଜବତ କରିବା ସହ ତା ନିକଟରୁ ଏକ ମାତ ଲେଖା ଚିଠି ଜବତ କରିଛି । ଅର୍ଥାତ୍ସାର ସହ ଜମିବାଡ଼ି ବିବାଦ ବହୁ ଦିନରୁ ଲାଗିଥିବାରୁ ମାଆ ଗୌରୀ ଏଭଳି କାଣ୍ଡ ଜିଆଇଥିବାର ଝିଅ ହେମଲତା ଖୁଣ୍ଟିଆ ସିମୁଳିଆ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି । ଅଭିଯୋଗ ପରେ ବାଲେଶ୍ୱର ସାଇଂଟିଫିକ ଟିମ ତଦନ୍ତ କରି ଫେରିଛି । ସିମୁଳିଆ ପୋଲିସ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଅଧିକ ତଦନ୍ତ ଜାରୀ କରିଛି ।

କୁଳାଙ୍ଗାର ପୁଅର ଉନ୍ନତ କାଣ୍ଡ, ବାପାକୁ ଠେଙ୍ଗାରେ ପିଟି ହତ୍ୟା କଲା, ମା' ଅଳ୍ପକେ ବଂଚିଗଲା

ବଣାଇଁ, ୨୮/୦୪(ଆ.ପ୍ର) : ବାପାଙ୍କୁ ଠେଙ୍ଗାରେ ପିଟି ହତ୍ୟା କଲେ ପୁଅ, ଅଳ୍ପକେ ବଂଚିଲେ ମାଆ । ଏଭଳି ଏକ ନୃଶଂସ କାଣ୍ଡ ଘଟିଛି ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ କଦମଡ଼ିହି ଗ୍ରାମରେ । ଏହି ଖବର ସମଗ୍ର ଅଂଚଳକୁ ସ୍ତବ୍ଧ କରିଛି । ଶୋମବାର ରାତିରେ ଖାଇବାକୁ ନେଇ ଏହି ଘଟଣା ଘଟିଛି ବୋଲି ପ୍ରାଥମିକ ତଦନ୍ତରୁ ଜଣାଇବା ପୋଲିସ ଜାଣିବାକୁ ପାଇଛି । ପାତମୁଣ୍ଡା ଗ୍ରାମ ପଂଚାୟତର କଦମଡ଼ିହି ଗ୍ରାମରେ ପାଣ୍ଡୁ ମୁଣ୍ଡା, ସା ରାଇବାରି ମୁଣ୍ଡା, ପୁଅ ସନା ମୁଣ୍ଡାଙ୍କୁ ନେଇ ପରିବାର । ମାଆ ଭଉବାରି ମୁଣ୍ଡା ତାଙ୍କୁ ଖାଇବାକୁ ଦେଉଥିବାବେଳେ କୌଣସି କାରଣରୁ ସନା ହଠାତ୍ ଉତ୍ୟାନ୍ତ ହୋଇପଡ଼ିଥିଲେ ଏବଂ ନିଜ ମାଆକୁ ମାଡ଼ିଦେବା ପାଇଁ ଉଦ୍ୟମ କରିଥିଲେ । ମାଆଙ୍କ ବିଚାର ଶୁଣି ବାପା ପାଣ୍ଡୁ ମୁଣ୍ଡା ଝାଙ୍କ ରକ୍ଷା କରିବା ପାଇଁ ଦୁଇଜଣ ଦୌଡ଼ି ଆସିଥିଲେ । କିନ୍ତୁ ପୁଅର ନୃଶଂସ ରୂପ ଦେଖି ସମସ୍ତେ ସ୍ତବ୍ଧ ହୋଇଯାଇଥିଲେ । ବାପା ଯେତେବେଳେ ମାଆକୁ ବଂଚାଇବାକୁ ପ୍ରୟାସ କରୁଥିଲେ, ସେହି ସମୟରେ ପୁଅ ସନା ଏକ ଠେଙ୍ଗାରେ ବାପା ପାଣ୍ଡୁ ମୁଣ୍ଡାଙ୍କୁ ଅତି ନିର୍ମମ ଭାବେ ପିଟି ଥିଲେ । ଫଳରେ ବାପାଙ୍କର

ସେଇଠାରୁ
ଆରମ୍ଭ
SEITHO ARAMBHA
ବୁଧବାର, ୨୯ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ରାଗିକି ବ୍ୟାଟ୍-ହେଲ୍‌ମେଟ୍ ଫିଙ୍ଗିବାରୁ ରଘୁବଂଶୀଙ୍କୁ ଜରିମାନା

ନୂଆଦିଲ୍ଲୀ, ୨୮/୪(ନ୍ୟୁ.ଏ): ଚଳିତ ଆଇପିଏଲ୍‌ରେ ଶୃଙ୍ଖଳା ଭଙ୍ଗ ଅଭିଯୋଗରେ କୋଲକାତା ବ୍ୟାଟର ଅଙ୍ଗକୃଷ୍ଣ ରଘୁବଂଶୀ ଦଣ୍ଡିତ ହୋଇଛନ୍ତି । ତାଙ୍କ ମ୍ୟାଚ ପାଇଣ୍ଡାର ୨୦% ଅର୍ଥ କାଟ୍ କରାଯାଇଛି । ରବିବାର ଅନୁଷ୍ଠିତ ଲଖ୍ନୌ ବିପକ୍ଷ ମ୍ୟାଚରେ ରଘୁବଂଶୀ ଅବଶ୍ୟକ୍ତ ଫିଲ୍ଡ ନିୟମରେ ଆଉଟ ହେବା ପରେ ଅମ୍ପାୟାରଙ୍କ ନିଷ୍ପତ୍ତିରେ ଅସନ୍ତୋଷ ବ୍ୟକ୍ତ କରି ବାଉଣ୍ଡାରୀ ଲାଇନ୍‌କୁ ବ୍ୟାଟ୍ ମାରିବା ସହ ଡଗ୍ ଆଉଟ୍‌ରେ ହେଲମେଟ ଫିଙ୍ଗିଥିଲେ । ଆଇପିଏଲ୍ ଆଚାର ସଂହିତାର ନିୟମ ୨.୨ ଉଲଙ୍ଘନ କରିଥିବାରୁ ତାଙ୍କର ୧ ଶୃଙ୍ଖଳା ପଂଏଟ କାଟ୍ କରାଯିବା ସହ ଅର୍ଥ ଦଣ୍ଡରେ ଦଣ୍ଡିତ କରାଯାଇଛି । ସୂଚନାଯୋଗ୍ୟ, କୋଲକାତା ଡାଙ୍କି କଜୁଆରେନ ଫଂଟମ ଓଭରରେ ରଘୁବଂଶୀ ଏକ ଡୁଟ ରନ ଚୋରାଇ ନେବାକୁ ପ୍ରୟାସ କରୁଥିଲେ । ମାତ୍ର ତାହା ସମ୍ଭବ ନ ହେବା ଦେଖି ସେ ପୁନର୍ବାର କ୍ରିଜକୁ ଫେରିବାକୁ ପ୍ରୟାସ କରିଥିଲେ । ଏହି ସମୟରେ ଲଖ୍ନୌ ଖେଳାଳି ତାଙ୍କୁ ରନ୍ ଆଉଟ୍

କରିବା ପାଇଁ ଷ୍ଟ୍ରିକରକୁ ବଲ୍ ଥ୍ରୋ କରିଥିଲେ । ରଘୁବଂଶୀ ବାଉଲ ମାରି କ୍ରିଜରେ ପହଂଚିଥିଲେ । ବଲ୍ଟି ତାଙ୍କ ଗୋଡରେ ବାଜିଥିଲା । ରଘୁବଂଶୀ ବଲକୁ ଅଟକାଇବାକୁ ଚେଷ୍ଟା କରି ଥିଥ ସମ୍ପୁଞ୍ଜକୁ ଆସିଥିବା ଦର୍ଶାଇ ଲଖ୍ନୌ ଆଉଟ୍ ଅପିଲ କରିଥିଲା । ତୃତୀୟ ଅମ୍ପାୟାର ଜିଡିଓ ରିପ୍ଲେ ଦେଖିବା ପରେ ରଘୁବଂଶୀଙ୍କ ବିପକ୍ଷରେ ଆଉଟ୍ ନିଷ୍ପତ୍ତି ଶୁଣାଇଥିଲେ । ରଘୁବଂଶୀ ଭଦ୍ରଭାବେ ଭାବେ ବଲ୍ ସମ୍ପୁଞ୍ଜକୁ ଆସି ନଥିବା ଦର୍ଶାଇଥିଲେ । ମାତ୍ର ଅମ୍ପାୟାରଙ୍କ ନିଷ୍ପତ୍ତି ଅଟୁଟ ରହିଥିଲା । ଏଥିରେ ବିରକ୍ତ ହୋଇ ରଘୁବଂଶୀ ପାଭିଲିୟନ ଫେରିଥିଲେ । ବାଉଣ୍ଡାରୀ ନିକଟରେ ପହଂଚିବା ମାତ୍ରେ ସେ ଗାଗରେ ବାଉଣ୍ଡାରୀ ଲାଇନ୍‌କୁ ବ୍ୟାଟରେ ପିଟିଥିଲେ ଓ ଡଗ୍ ଆଉଟ୍‌ରେ ହେଲମେଟ୍ କାଢି ପିଙ୍ଗିଥିଲେ । ରଘୁବଂଶୀଙ୍କୁ ଆଇପିଏଲ ଆଚରଣ ସଂହିତାର ଧାରା ୨.୨ ଉଲ୍ଲଙ୍ଘନ ପାଇଁ ଦୋଷୀ ସାବ୍ୟସ୍ତ କରାଯାଇଛି । ଯାହା ମ୍ୟାଚ୍ ସମୟରେ କ୍ରିକେଟ୍ ଉପକରଣ କିମ୍ବା ପୋଷାକ, ସ୍ପୋର୍ଟସ ଉପକରଣ ଇତ୍ୟାଦିକୁ କ୍ଷତି ପହଂଚାଇବା ସହିତ ଜଡିତ । ରଘୁବଂଶୀ ମ୍ୟାଚ୍ ରେଫରିଙ୍କ ଦ୍ୱାରା ଦିଆଯାଇଥିବା ଦଣ୍ଡକୁ ଗ୍ରହଣ କରିଛନ୍ତି ଏବଂ ତାଙ୍କର ଦୋଷ ସ୍ୱୀକାର କରିଛନ୍ତି । ଲଖ୍ନୌ ହମମ କୋଲକାତାର ଉକ୍ତ ମ୍ୟାଚ ସୁପର ଓଭରରେ ପହଂଚିଥିଲା । ଏଥିରେ ରୋମାଂଚକର ବିଜୟ ହାସଲ କରିଥିଲା କୋଲକାତା ନାଇଟ ରାଇଡର୍ସ । ଚଳିତ ସିଜିନରେ କେକେଆର ଆରମଭୁ ଖାତା ଖୋଲି ପାରିନଥିଲା । ପଞ୍ଜାବ ବିପକ୍ଷ ମ୍ୟାଚ ଡ୍ର ରହିଥିବାରୁ ଗୋଟିଏ ପଂଏଟ ପାଇଥିଲା । ଏବେ ଦଳ ୮ ଟି ମ୍ୟାଚରୁ ୨ଟି ମ୍ୟାଚ ଜିତି ୪ ପଂଏଟ ସହ ଟେବୁଲରେ ଅଷ୍ଟମ ସ୍ଥାନରେ ରହିଛି ।

ଲମ୍ବା ଆଇପିଏଲ୍ ମ୍ୟାଚ୍ ନେଇ ଗାଭାସ୍କରଙ୍କ ଚିନ୍ତା

ନୂଆଦିଲ୍ଲୀ, ୨୮/୪(ନ୍ୟୁ.ଏ): ଆଇପିଏଲ୍ ମ୍ୟାଚ୍ ଗୁଡ଼ିକ ଲମ୍ବା ହୋଇଯାଇଥିବାରୁ ଚିନ୍ତା ପ୍ରକଟ କରିଛନ୍ତି ପୂର୍ବତନ ଅଧିକାୟକ ତଥା କ୍ରିକେଟ ବ୍ୟାଟର ସୁନୀଲ ଗାଭାସ୍କର । ପଢ଼ିଆ ମଧ୍ୟରେ ଅଯଥା ଅନାବଶ୍ୟକ ଲୋକଙ୍କୁ ପ୍ରବେଶ କରିବା ଉପରେ କଠୋର କଟକଣା ଲାଗୁ କରିବାକୁ ସେ ପରାମର୍ଶ ଦେଇଛନ୍ତି । ୩ ଘଣ୍ଟା ମଧ୍ୟରେ ଏକ କ୍ରିକେଟ୍ ମ୍ୟାଚ୍ ଶେଷ କରିବାକୁ ଟ୍ୱେଣ୍ଟି-୨୦ର ପରିକଳ୍ପନା କରାଯାଇଥିଲା, କିନ୍ତୁ ଅଧିକାଂଶ ଆଇପିଏଲ୍ ମ୍ୟାଚ୍ ୩ ଘଣ୍ଟା ମଧ୍ୟରେ ଶେଷ ହେଉନାହିଁ । ଏପରିକି ସିଏସ୍‌କେ ଓ ମୁମ୍ବାଇ ଲଣ୍ଡିଆନ୍ସ ମଧ୍ୟରେ ଏକ ମ୍ୟାଚ୍ ୪ ଘଣ୍ଟା ୨୨ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା । ପୁଣି କିନ୍ତୁ ସୁପରଓଭରରେ ଏହି ମ୍ୟାଚ୍‌ଟି ଏତେ ଲମ୍ବା ଚାଲିଥିଲା । ଏ ନେଇ ଗାଭାସ୍କର କହିଛନ୍ତି ଯେ

ବିସିସିଆଇ ଏଥିରେ ହସ୍ତକ୍ଷେପ କରିବା ସହ ଠିକ୍ ସମୟରେ ମ୍ୟାଚ୍ ଶେଷ କରିବା ନେଇ କଡ଼ା ନିର୍ଦ୍ଦେଶ ଜାରି କରିବା ଉଚିତ୍ । ଷ୍ଟାଟର୍ଜିକ୍ ଟାଇମ୍‌ଆଉଟ୍ ଓ ପଡ଼ିଆରେ ଖେଳାଳି ଓ ଅମ୍ପାୟାରଙ୍କ ବ୍ୟତୀତ ଅନ୍ୟମାନଙ୍କ ଅନାବଶ୍ୟକ ପ୍ରବେଶକୁ ଦୂର କରାଯିବା ଉଚିତ୍ । ''ଦେଖାଯାଉଛି ଯେ ଷ୍ଟାଟର୍ଜିକ୍ ଟାଇମ୍‌ଆଉଟ୍‌ରେ ପ୍ରାୟ ଅଧିକଜନ ଲୋକ ପଢ଼ିଆରେ ପ୍ରବେଶ କରୁଛନ୍ତି । ଏପରିକି ବେଳେବେଳେ ଆଗକୁ ବ୍ୟାଟିଂ କରିବାକୁ ଆସିବାକୁ ଥିବା ବ୍ୟାଟରଟି ପଡ଼ିଆ ଭିତରେ ପ୍ରବେଶ କରୁଛନ୍ତି । ବଦଳାମାନେ ଦିଆଯାଇଥିବା ସ୍ୱାଧୀନତାର ଅପବ୍ୟବହାର କରୁଛନ୍ତି । ଏହାକୁ ବନ୍ଦ କରାଯିବା ଆବଶ୍ୟକ । କେବଳ ପାଣି ବୋତଲ ସହ ଦୁଇଜଣ ସଂରକ୍ଷିତ ଖେଳାଳି କିମ୍ବା ଦୁଇ ଜଣ ପ୍ରଶିକ୍ଷକ କର୍ମୀଙ୍କୁ ପ୍ରବେଶ ଅନୁମତି ଦିଆଯିବା ଆବଶ୍ୟକ'' ସେ କହିଛନ୍ତି ।

ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତାଙ୍କ ବିରୋଧରେ କେଜ୍ରିୱାଲଙ୍କ 'ସତ୍ୟାଗ୍ରହ'

ନୂଆଦିଲ୍ଲୀ, ୨୮/୪(ନ୍ୟୁ.ଏ): ଦିଲ୍ଲୀ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତା ଶର୍ମାଙ୍କୁ ବହିଷ୍କାର କରି ଏହାକୁ ସତ୍ୟାଗ୍ରହ ନାମ ଦେଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ତାଙ୍କ ଅଭିଯୋଗ ନେଇ ମଙ୍ଗଳବାର ଗାଜୀଆବାଦ ସ୍ଥିତ ଜେଲରେ ପହଂଚିଛନ୍ତି । ଆମ୍ ଆଦମୀ ପାର୍ଟି (ଆପ୍) ମୁଖ୍ୟ ଅରବିନ୍ଦ କେଜ୍ରିୱାଲ, ମନିଷ ସିସୋଦିଆ, ପୂର୍ବତନ ମୁଖ୍ୟମନ୍ତ୍ରୀ ଆତିଶୀ ଓ ଅନ୍ୟ ନେତାମାନେ ମଧ୍ୟ ରାଜଘାଟରେ ପହଂଚିଥିଲେ । ରାଜିନାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଉଶମାଧ୍ୟମରୁ କହିଛନ୍ତି ଯେ ସେ ନ୍ୟାୟପାଳିକାକୁ ସମ୍ମାନ କରନ୍ତି, କିନ୍ତୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ଯେ ସତ୍ୟାଗ୍ରହ କରିବାକୁ ପଡିବ । ଆମେ ବିଚାରପତିଙ୍କ ନିକଟକୁ ପଠାଇଥିବା ଚିଠିରେ ସବୁକିଛି ଲେଖିଛୁ । ଏହା ଅତ୍ୟନ୍ତ ସମ୍ବେଦନଶୀଳ ବିଷୟ, ତେଣୁ ମୁଁ ଉଶମାଧ୍ୟମରେ ଅଧିକ କିଛି କହିବି ନାହିଁ ବୋଲି କେଜ୍ରିୱାଲ କହିଛନ୍ତି । କେଜ୍ରିୱାଲ ସକାଳେ ସେସିସିଆଇ ମିଡିଆ ମାଧ୍ୟମରେ ସୂଚନା ଦେଇଥିଲେ ଯେ ସେ ମନିଷ ସିସୋଦିଆଙ୍କ ସହ ମଧ୍ୟରୁ ୧୨ଟାରେ ରାଜଘାଟ ଯାଇ ବାପୁଙ୍କ ଆଶୀର୍ବାଦ ନେବେ । କାର୍ଯ୍ୟସୂଚୀ ଅନୁଯାୟୀ, କେଜ୍ରିୱାଲ ମନୀଷ ସିସୋଦିଆ, ଅତିଶୀ ମାର୍ଲେନା ଓ ଦଳର ଅନ୍ୟ ଅନେକ ନେତାଙ୍କ ସହ ରାଜଘାଟ ଯାଇଥିଲେ । କେଜ୍ରିୱାଲ ଓ ସିସୋଦିଆ ମଦ ଦୁର୍ନୀତି ମାମଲାର ଶୁଣାଣି କରୁଥିବା ଦିଲ୍ଲୀ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତା ଶର୍ମାଙ୍କୁ ବହିଷ୍କାର କରିଛନ୍ତି । ଉଭୟ ନେତା ଏହାକୁ ଶେମାନଙ୍କର ସତ୍ୟାଗ୍ରହ ବୋଲି ବର୍ଣ୍ଣନା କରିଛନ୍ତି । ଏହାକୁ ବାପୁଙ୍କ ପ୍ରତିକ୍ରିୟା ପଥ ବୋଲି ବର୍ଣ୍ଣନା କରି କେଜ୍ରିୱାଲ କହିଛନ୍ତି ଯେ ପ୍ରଥମେ ସେ ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତାଙ୍କ ସମ୍ପୁଖରେ ନିଜର ମତ ରଖୁଥିଲେ, କିନ୍ତୁ ଯେତେବେଳେ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ, ସେତେବେଳେ ତାଙ୍କ ପାଖରେ କେବଳ ସତ୍ୟାଗ୍ରହର ବିକଳ୍ପ ରହିଯାଇଥିଲା । କେଜ୍ରିୱାଲ ଓ ସିସୋଦିଆ କହିଛନ୍ତି ଯେ ସେମାନେ ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତାଙ୍କୁ ନ୍ୟାୟ ଆଶା କରୁନାହାନ୍ତି । ସୂଚନାଯୋଗ୍ୟ, ନିଜଘରେ କେଜ୍ରିୱାଲ ଓ ସିସୋଦିଆଙ୍କ ସମେତ ୨୩ ଜଣ ନେତାଙ୍କୁ ନିମ୍ନ ଅଦାଲତ ନିର୍ଦ୍ଦୋଷରେ ଖଲାସ କରିଥିଲେ । ସିଟିଆଇ ଏହି ଆଦେଶକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା । ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତା ଶର୍ମାଙ୍କ ଖଣ୍ଡପୀଠରେ ଏହି ମାମଲା ଗୁଣିଲାଗୁଣ୍ଡ ହୋଇଥିଲା । ଅରବିନ୍ଦ କେଜ୍ରିୱାଲ ଗୁଞ୍ଜାରେ ଯେ ଏହି ମାମଲା ଶୁଣାଣି ଅନ୍ୟ ଏକ ବେଞ୍ଚରେ ହେଉ । ସେ ହାଇକୋର୍ଟର ପ୍ରଧାନ ବିଚାରପତିଙ୍କୁ ଚିଠି ଲେଖିଥିଲେ । ଏହି ଆବେଦନ ଖାରଜ ହେବା ପରେ କେଜ୍ରିୱାଲ ସତ୍ୟାଗ୍ରହ ଜରିଆରେ ଆରମ୍ଭ କରିଛନ୍ତି । ଏହା ବ୍ୟତୀତ ସେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହେବା ଉପରେ ବିଚାର କରିବେ ବୋଲି ମଧ୍ୟ କହିଛନ୍ତି ।

ମଧ୍ୟପ୍ରଦେଶ ବିଧାନସଭାରେ ମହିଳା ସଂରକ୍ଷଣ ପ୍ରସ୍ତାବ ପାରିତ

ଭୋପାଳ, ୨୮/୪(ନ୍ୟୁ.ଏ): 'ନାରୀ ଶକ୍ତି ବନ୍ଦନ' ନାମରେ ମଧ୍ୟପ୍ରଦେଶ ବିଧାନସଭାର ଏକ ସ୍ୱତନ୍ତ୍ର ଅଧିବେଶନ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମସ୍ତ ଲୋକସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀରେ ମହିଳାଙ୍କ ଲାଗି ୩୩ ପ୍ରତିଶତ ସଂରକ୍ଷଣ ଲାଗୁ କରିବା ପାଇଁ ସଂକଳ୍ପନାମା ପାରିତ ହୋଇଛି । ସମୟ, ଲବ୍ଧେଶ ଓ ରାଜନୈତିକ ବିଶ୍ୱବିଦ୍ୟାଳୟକୁ ନେଇ ଶାସକ ବିଜେପି ଓ ବିରୋଧୀ କଂଗ୍ରେସ ମଧ୍ୟରେ ତୀବ୍ର ଯୁକ୍ତିତର୍କ ପରେ ଏହି ସଂକଳ୍ପନାମା ପାରିତ ହୋଇଛି । ମୁଖ୍ୟମନ୍ତ୍ରୀ ଡ. ମୋହନ ଯାଦବଙ୍କ ଦ୍ୱାରା ଆଗତ ପ୍ରସ୍ତାବରେ କୁହାଯାଇଛି ଯେ, ମହିଳାଙ୍କ ସାମାଜିକ ବିକାଶ ତଥା ସଶକ୍ତୀକରଣ ପାଇଁ ସୀମା ପୁନର୍ନିର୍ଦ୍ଧାରଣ ପ୍ରକ୍ରିୟା ସମାପ୍ତ ହେବା ପରେ ସମସ୍ତ ଲୋକସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀରେ ମହିଳାଙ୍କ ପାଇଁ ଏକତୃତୀୟାଂଶ ସଂରକ୍ଷଣ ତୁରନ୍ତ କାର୍ଯ୍ୟକାରୀ କରାଯିବା ଉଚିତ । ଗୁରୁତର ଆଲୋଚନା ଆରମ୍ଭ କରି ଯାଦବ ଅଭିଯୋଗ କରିଛନ୍ତି ଯେ ସ୍ୱାଧୀନତା ପରେ ଅନେକ ଦଶନ୍ଧି ଧରି କ୍ଷମତାରେ ରହିବା ସତ୍ତ୍ୱେ କଂଗ୍ରେସ ମହିଳାମାନଙ୍କୁ ସେମାନଙ୍କର ଉପଯୁକ୍ତ ରାଜନୈତିକ ଅଧିକାରରୁ ବଂଚିତ କରିଛି । ଏହାକୁ ଅଧା ଜନସଂଖ୍ୟା ବିରୋଧରେ ଅନ୍ୟାୟ ବୋଲି ସେ କହିଛନ୍ତି । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ମଧ୍ୟପ୍ରଦେଶ ଗଠନମାନ ମହିଳା ସଶକ୍ତୀକରଣ ପାଇଁ ଛିଡ଼ା ହୋଇଛି । ଯଦି ଠିକ୍ ସମୟରେ ନିଷ୍ପତ୍ତି ନିଆଯାଇଥାନ୍ତା, ତେବେ ଲୋକସଭା ଓ ବିଧାନସଭାରେ ମହିଳାଙ୍କ ପ୍ରତିନିଧିତ୍ୱ ଦ୍ୱିଗୁଣିତ ହୋଇଥାନ୍ତା ବୋଲି ସେ ଯୁକ୍ତି ବାଢ଼ିଥିଲେ । ସେ ଆହୁରି କହିଛନ୍ତି ଯେ ମହିଳାମାନେ ସେମାନଙ୍କର ଉପଯୁକ୍ତ ଅଂଶ ପାଇବାକୁ ଆମେ ପ୍ରତିଶ୍ରୁତିବଦ୍ଧ । କିନ୍ତୁ ସାମ୍ବିଧାନିକ ସଂଶୋଧନ ଓ ସୀମା ପୁନର୍ନିର୍ଦ୍ଧାରଣ ବିନା ଏହା ସମ୍ଭବ ନୁହେଁ । ବିରୋଧୀ ଦଳ ନେତା ରମେଶ ସିଙ୍ଗର ସିଧାସଳଖ ଚ୍ୟାଲେଞ୍ଜ କରି ସଂକଳ୍ପ ମଧ୍ୟରେ ଥିବା ବିଭେଦ ଉପରେ ପ୍ରଶ୍ନ ଉପାଇଛନ୍ତି । ସେ କହିଛନ୍ତି, ମହିଳାମାନଙ୍କୁ ଆଜି ସଂରକ୍ଷଣ ଦରକାର, ୨୦୨୯ ଜିମ୍ବା ୨୦୪୭ରେ ନୁହେଁ ।

୨୦୩୦ ବଦଳରେ ୨୦୩୧କୁ ଘୁଂଚିପାରେ ଏସୀୟ କ୍ରୀଡ଼ା

ନୂଆଦିଲ୍ଲୀ, ୨୮/୪(ନ୍ୟୁ.ଏ): ଆଗାମୀ ସେପ୍ଟେମ୍ବର-ଅକ୍ଟୋବରରେ ଜାପାନରେ ଏସୀୟ କ୍ରୀଡ଼ା ଅନୁଷ୍ଠିତ ହେବାକୁ ଥିବାବେଳେ ପରବର୍ତ୍ତୀ ଏସୀୟ କ୍ରୀଡ଼ା ୨୦୩୦ରେ କତରର ଦୋହାରେ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି । କିନ୍ତୁ ୨୦୩୦ ବଦଳରେ ୨୦୩୧ରେ ଏହି କ୍ରୀଡ଼ା ଆୟୋଜନ କରିବାକୁ ବିଚାର କରାଯାଇଛି । ଏ ନେଇ ଏକ ପ୍ରସ୍ତାବକୁ ଏସୀୟ ଅଲିମ୍ପିକ୍ ପରିଷଦ (ଓସିଏ)ର କାର୍ଯ୍ୟନିର୍ବାହୀ କମିଟି ମଂଜୁରୀ ଦେଇଛି । ଏହା ପରେ ଏହି ପ୍ରସ୍ତାବକୁ ବିଭିନ୍ନ ଅନ୍ତର୍ଜାତୀୟ କ୍ରୀଡ଼ା ମହାସଂଘ ସହ ଆଲୋଚନା କରାଯିବ । ଏହି ପ୍ରସ୍ତାବ

ଅନୁଯାୟୀ ଏସୀୟ କ୍ରୀଡ଼ାଗୁଡ଼ିକୁ ଅଲିମ୍ପିକ୍ ପୂର୍ବ ବର୍ଷରେ ଦି ଆୟୋଜନ କରାଯିବ । ଏହା ଦ୍ୱାରା ଏସିଆର ଏହି ବୃହତମ କ୍ରୀଡ଼ା ପ୍ରତିଯୋଗିତା ଅଲିମ୍ପିକ ପାଇଁ ଏକ ଯୋଗ୍ୟତା ପ୍ରତିଯୋଗିତାରେ ପରିଣତ ହେବ, ଏଣୁ ଏହାର ଗୁରୁତ୍ୱ ବୃଦ୍ଧି ପାଇବ । ଓସିଏର ଉପସଭାପତି ସଙ୍ଗ୍ ଲ୍ୟୁଚେଙ୍ଗ୍ କହିଛନ୍ତି "ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ଏସୀୟ କ୍ରୀଡ଼ା ଅଲିମ୍ପିକ ପାଇଁ ଏକ ଯୋଗ୍ୟତା ପ୍ରତିଯୋଗିତାରେ ପରିଣତ ହେବ । ଏହା ଦ୍ୱାରା ଜଳ ସ୍ତରର ଆଥଲେଟ୍‌ଙ୍କ ଆଗ୍ରହ ଜଡିବ ଓ ସମଗ୍ରଭାବେ ଏସୀୟ କ୍ରୀଡ଼ାରେ ହେଉଥିବା ପ୍ରତିଯୋଗିତାଗୁଡ଼ିକର ମାନ ବୃଦ୍ଧି ପାଇବ'' ।

ମମତା ବାନାର୍ଜୀଙ୍କୁ ହତ୍ୟା ଧମକ ଦେଇଛି ବିଜେପି, ଅଭିଯୋଗ ଆଣିଲା ଟିଏମ୍‌ସି

ନୂଆଦିଲ୍ଲୀ, ୨୮/୪(ନ୍ୟୁ.ଏ): ବିଜେପି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ହତ୍ୟା ଧମକ ଦେଇଛି ବୋଲି ଅଭିଯୋଗ କରି ଶାସକ ତିଏମ୍‌ସି ଦଳ ସଦ୍ୟ ବିବାଦ ସୃଷ୍ଟି କରିଛି । ବିଜେପି ରାଜ୍ୟରୁ 'ଗୋଲି ମାରୋ' ଏବଂ ' ଠୋକ୍ ଦୋ' ସଂସ୍କୃତି ଆଣିବାକୁ ଚେଷ୍ଟା କରୁଛି ବୋଲି ତିଏମ୍‌ସି ଅଭିଯୋଗ କରିଛି । ଉଲ୍ଲେଖଯୋଗ୍ୟ ଯେ ବିଧାନସଭା ନିର୍ବାଚନ ପୂର୍ବରୁ ଦକ୍ଷିଣ ୨୪ ପ୍ରଗଣାରେ ଏକ ଚତ୍ୱର ସମୟରେ ନିର୍ବାଚନ କମିଶନ୍‌ଙ୍କ ଦ୍ୱାରା ନିଯୁକ୍ତ ଜଣେ ପୁଲିସ ପର୍ଯ୍ୟବେକ୍ଷକ ଅଜୟ ପାଲ୍ ଶର୍ମା ଜଣେ ତିଏମ୍‌ସି ପ୍ରାର୍ଥୀ ଜାହାଙ୍ଗିର ଖାନ୍‌ଙ୍କୁ ଚେତାବନୀ ଦେବାର ଭିଡିଓ ଭାଇରାଲ୍ ହେବାପରେ ଏହି ସଦ୍ୟ ବିବାଦ ଉପୁଜିଛି । ଏହାରେ ଏକ ପୋଷ୍ଟ

କରି ତିଏମ୍‌ସି କହିଛି ଯେ ଦୁର୍ଗାର ଧମକ ପରେ ବିଜେପି ଏବେ ମମତା ବାନାର୍ଜୀଙ୍କ ବିରୋଧରେ ଖୋଲା ହତ୍ୟା ଧମକ ଦେଉଛି । ଉଭୟ କେନ୍ଦ୍ର ସରକାର ଏବଂ ନିର୍ବାଚନ କମିସନ୍‌ଙ୍କୁ ଟାର୍ଗେଟ୍ କରି ତିଏମ୍‌ସି କହିଛି ଯେ ନିର୍ବାଚନ କମିସନ୍ ଏବେ ବିଜପଦୃଷ୍ଟା ସାଜିଛନ୍ତି । ବିଜେପି ପଶ୍ଚିମବଙ୍ଗ ପାଇଁ ଏହି ପରିବର୍ତ୍ତନ ଆଣିଛି । ବିଜେପି ପଶ୍ଚିମବଙ୍ଗକୁ 'ଗୋଲି ମାରୋ' ଏବଂ 'ଠୋକ୍ ଦୋ' ସଂସ୍କୃତି ଆଣିବାକୁ ଚେଷ୍ଟା କରୁଛି । ତେବ ବିଜେପି ରାଜ୍ୟୟ ମୁଖପାତ୍ର ଆଲୋକ ଅଜୟଙ୍କର ଏକ ପୋଷ୍ଟକୁ ଦର୍ଶାଇ ବିଜେପି ମମତାଙ୍କୁ ହତ୍ୟା ଧମକ ଦେଇଥିବା କହିଛି । ଆଲୋକ ଏକ ପୋଷ୍ଟ କରି କହିଥିଲେ ଯେ, ଯଦି ଆପଣ ଆମକୁ ରୟରାତ କରିବାକୁ ଚେଷ୍ଟା କରିବେ ଆପଣଙ୍କୁ ଭୁଲି କରାଯିବ ବିଦି' ।

ପୁଟିନଙ୍କ ସୁରକ୍ଷା ପାଇଁ ସୁଇସାଇଡ୍ ସ୍କ୍ୱାର୍ଡ ପାଲଟିଛନ୍ତି ଉତର କୋରିଆର ସୈନିକ

ନୂଆଦିଲ୍ଲୀ, ୨୮/୪(ନ୍ୟୁ.ଏ): ଉତର କୋରିଆର ସୈନିକ ରୁଷ ସହିତ ମିଶି ୟୁକ୍ରେନ୍ ବିରୋଧରେ ଯୁଦ୍ଧ କରୁଛି । ତେବେ ପ୍ରକୃତ କଥା ଯଦି କହିବା ତେବେ ଉତର କୋରିଆର ସେ ?ନିଜ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ପାଇଁ ନିଜ ଜୀବନକୁ ବାଜି ଲଗାଇବାକୁ ବି ପ୍ରସ୍ତୁତ । ଯଦି ପରିସ୍ଥିତି ଏପରି ହୁଏ ଯେ ଶତ୍ରୁ ସେମାନଙ୍କୁ ଧରିବାକୁ ଯାଏ, ତେବେ ସେମାନେ ନିଜକୁ ନିଜେ ବିସ୍ଫୋରଣ କରି ଉଡାଇ ଦେବେ । ଉତର କୋରିଆର ଏକଛତ୍ରବାଦୀ ଶାସକ କିମ୍ ଜୋଙ୍ଗ ଉନ୍ ନିଜେ ଏନେଇ ସୂଚନା ଦେଇଛନ୍ତି । ଏହା ସହ ସେ ନିଜ ଦେଶର ସୈନିକଙ୍କର ମଧ୍ୟ ଖୁବ୍ ପ୍ରଶଂସା କରିଛନ୍ତି । ସରକାରୀ ମିଡିଆ ସୂତ୍ରରୁ କୁହାଯାଇଛି ଯେ, କିମ୍ ଜୋଙ୍ଗ ସୈନିକଙ୍କୁ ନାୟକ ବୋଲି କହିଛନ୍ତି । ଏହା ସହ କହିଛନ୍ତି, ସେମାନେ ସାହସ ଦେଖାଇ ଶତ୍ରୁ ଘାତରେ ପଡିବା ମାତ୍ରେ ନିଜେ ବମ୍‌ରେ ଉଡାଇ ବୀରତ୍ୱପୂର୍ଣ୍ଣ ମୃତ୍ୟୁ ପ୍ରାପ୍ତ କରୁଛନ୍ତି । ଉଲ୍ଲେଖନୀୟ ଯେ,

ପୋଖାରାଯାଇଛାରେ ରୁଷର ଯୁଦ୍ଧରେ ଶହୀଦ ହୋଇଥିବା ଉତର କୋରିଆର ସୈନିକଙ୍କ ସମ୍ମାନରେ ଏକ ସ୍ମାରକ ସଂଗ୍ରାହାଳୟ ଉଦଘାଟନ କରାଯାଇଥିଲା । ଉତର କୋରିଆ ନେତା କିମ୍ ଜୋଙ୍ଗ ଉନ୍ ଓ ରୁଷ ପ୍ରତିରକ୍ଷା ମନ୍ତ୍ରୀ ଏଣ୍ଡ୍ରି ବେଲାଉସୋର ମିଳିତ ରାରରେ ଏହି ସଂଗ୍ରାହାଳୟର ଉଦଘାଟନ କରିଛନ୍ତି । ସମାରୋହ ବେଳେ ସାମରିକ ଜେଟ୍ ବିମାନ ଆକାଶରେ ଉଡାର ଉଡୁଥିଲା ଓ ଧ୍ୱଜା ରଙ୍ଗର ବେଲୁନ୍ ଛଡାଯାଇଥିଲା । ରୁଷ ପଷ୍ଟରୁ ଷ୍ଟେଟ୍ ଡୁମାର ଅଧ୍ୟକ୍ଷ ଭ୍ୟୋଚେସ୍ଲାଭ ଭୋଲିଡିନ୍ ମଧ୍ୟ ଉପସ୍ଥିତ ଥିଲେ । ଏହି ସମୟରେ କିମ୍ ଜୋଙ୍ଗ ଶହୀଦ ସୈନିକଙ୍କୁ ପୁଷ୍ପ ଅର୍ପିତ କରିଥିଲେ ଓ ଅତିଥି ପୁସ୍ତିକାରେ ସାକ୍ଷର କରିଥିଲେ । ଉଲ୍ଲେଖନୀୟ ଯେ, ଉତର କୋରିଆ ଓ ରୁଷ ମଧ୍ୟରେ ୨୦୨୪ ରେ ଏକ ବ୍ୟାପକ ସାମରିକ ଚୁକ୍ତି ହୋଇଥିଲା । ଏଥିରେ ପାରସ୍ପରିକ ପ୍ରତିରକ୍ଷା ନିୟମ ରହିଛି । ୨୦୨୫ ରେ ଦୁଇ